## ସଂକ୍ଷେପରେ

### ବାଙ୍କୀ କେନ୍ଦ୍ର ସମବାୟ ବ୍ୟାଙ୍କ ପ୍ରତିଷ୍ଠାତାଙ୍କ ଜୟନ୍ତୀ

ବାଙ୍କୀ,୧୦।୪(ଜ୍ଞାନେନ୍ଦ୍ର ମୋହନ ମିଶ୍ର)

ବାଙ୍କୀ କେନ୍ଦ୍ର ସମବାୟ ବ୍ୟାଙ୍କର ପ୍ରତିଷ୍ଠାତା ଏବଂ ସମବାୟ ଆନ୍ଦୋଳନର କର୍ଣ୍ଣଧାର ସ୍ୱର୍ଗତ ରାୟବାହାଦୁର ବିଦ୍ୟାଧର ପଣ୍ଡାଙ୍କ ଜୟନ୍ତୀ ବୁଧବାର ବ୍ୟାଙ୍କ ପକ୍ଷରୁ ସମ୍ମିଳନୀ କକ୍ଷରେ ପାଳିତ ହୋଇଯାଇଛି। ବାଙ୍କୀ କେନ୍ଦ୍ର ସମବାୟ ବ୍ୟାଙ୍କ ସଭାପତି ସୁବାସ ଚନ୍ଦ୍ର ପାଢ଼ୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ସାମାଜିକ କର୍ମୀ ଭବାନୀ ପ୍ରସାଦ ପଣ୍ଡିତ ମୁଖ୍ୟ ଅତିଥି ଭାବେ ଯୋଗଦେଇ ରାୟବାହାଦୁରଙ୍କ ଉଦ୍ୟମରେ ବାଙ୍କୀ ଉପଖଣ୍ଡରେ ସମବାୟ ଆନ୍ଦୋଳନର କିପରି ପ୍ରସାର ଘଟିଥିଲା କହିଥିଲେ। ବ୍ୟାଙ୍କର ନିର୍ଦ୍ଦେଶକ ଗତିକୃଷ୍ଣ ସ୍ୱାଇଁ, ବାଙ୍କୀ ପ୍ରେସ୍ କ୍ଲବ ସଭାପତି ବଳଭଦ୍ର ପଣ୍ଡା, ବାଙ୍କୀ କ୍ରେଡିଟ୍ ସମବାୟ ବ୍ୟାଙ୍କ ସଭାପତି ସମରେନ୍ଦ୍ର ମହାପାତ୍ର, ସମବାୟବିତ୍ ରମେଶ ଚନ୍ଦ୍ର ପଣ୍ଡା ସମ୍ମାନିତ ଅତିଥି ଭାବେ ଯୋଗଦେଇ ସ୍ୱର୍ଗତ ପଣ୍ଡା ବାଙ୍କୀରେ ସମବାୟ ଆନ୍ଦୋଳନର ମୁଖ୍ୟ କର୍ଣ୍ଣଧାର ଥିଲେ। ଏହି ବ୍ୟାଙ୍କ ଜରିଆରେ ଚାଷୀମାନଙ୍କର କିପରି ଉନ୍ନତି ହୋଇପାରିବ ପଣ୍ଡା ସେ ସମ୍ପର୍କରେ ବିଭିନ୍ନ ଯୋଜନା ପ୍ରସ୍ତୁତ କରି ଜନସାଧାରଣଙ୍କ ଉନ୍ନତିରେ ସହାୟକ ହୋଇଥିଲେ। ବ୍ୟାଙ୍କ ସମ୍ପାଦକ ଅକ୍ଷୟ କୁମାର ସାମଲ ସ୍ୱାଗତ ଭାଷଣ ଦେଇ ଚାଷୀମାନଙ୍କର ଉନ୍ନତିରେ ଏହି ବ୍ୟାଙ୍କ କିପରି ସହାୟକ ହୋଇଛି ଓ ସ୍ୱର୍ଗତ ପଣ୍ଡା ଚାଷୀମାନଙ୍କ ସୁଖଦୁଃଖର ସାଥୀ ଥିଲେ ବୋଲି ସେ ସମ୍ପର୍କରେ ବିବରଣୀ ପ୍ରଦାନ କରିଥିଲେ। ସକାଳେ ବ୍ୟାଙ୍କ ପରିସରରେ ସ୍ୱର୍ଗତ ବିଦ୍ୟାଧର ପଣ୍ଡା, ପୂର୍ବତନ ସମବାୟ ମନ୍ତ୍ରୀ ଓ ସମବାୟ ସମ୍ରାଟ ସ୍ୱର୍ଗତ ଡାକ୍ତର ଯୋଗେଶ ଚନ୍ଦ୍ର ରାଉତଙ୍କ ସ୍ଥାପିତ ପ୍ରତିମୂର୍ତ୍ତିରେ ବ୍ୟାଙ୍କ ସଭାପତି ସୁବାସ ଚନ୍ଦ୍ର ପାଢ଼ୀ ଓ କର୍ମଚାରୀମାନେ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ଶେଷରେ ବ୍ୟାଙ୍କ ପରିଚାଳକ ସ୍ମିତି ଶ୍ରୀଲଗ୍ନା ଧନ୍ୟବାଦ ଦେଇଥିଲେ।

### ନଦୀରେ ବୁଡ଼ି ନାବାଳକ ମୃତ

ବାଲିଅନ୍ତା,୧୦।୪(ନୀଳମାଧବ ସାହୁ): ବୁଢ଼ୀ ମା' ସହ କୁଶଭଦ୍ରା ନଦୀକୁ ଗାଧୋଇବାକୁ ଯାଇ ବୁଧବାର ପାଣିରେ ବୁଡ଼ି ଜଣେ ନାବାଳକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ବାଲିଅନ୍ତା ବ୍ଲକର ପ୍ରତାପରୁଦ୍ରପୁର ପଞ୍ଚାୟତ ଅଧୀନ ପାରିବାସୁଦେଇପୁର ଗାଁର ଆଲୋକ ଜେନାଙ୍କ ପୁଅ ଆରୁସ(୭)। ସୂଚନା ମୁତାବକ, ସକାଳ ସମୟରେ ଆରୁସ ବୁଢ଼ୀ ମା' ସହ ପାରିବାସୁଦେଇପୁରସ୍ଥିତ କୁଶଭଦ୍ରା ନଦୀକୁ ଯାଇଥିଲେ। ସେ ନଦୀକୂଳରେ ବସିଥିବାବେଳେ ହଠାତ୍ ଭିତରକୁ ଖସି ପଡ଼ିଥିଲେ। ଆରୁସଙ୍କୁ ନ ପାଇ ନାତି ଘରକୁ ପଳାଇଥିବା ଭାବି ବୁଢ଼ୀ ମା' ଘରକୁ ଯାଇଥିଲେ। ସେଠାରେ ନାତିକୁ ନ ପାଇବାରୁ ପରିବାର ଲୋକଙ୍କୁ କହିଥିଲେ। ପରିବାର ଲୋକେ ନଦୀକୁ ଆସି ଖୋଜାଖୋଜି କରିବାରୁ ଆରୁସଙ୍କୁ ଭିତରୁ ପାଇଥିଲେ। ତାଙ୍କୁ ଅଡ଼ଶପୁର ଡାକ୍ତରଖାନା ପରେ କଟକ ବଡ଼ ଡାକ୍ତରଖାନା ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଡାକ୍ତରଖାନାରେ ଆରୁସଙ୍କ ମୃତଦେହ ବ୍ୟବଚ୍ଛେଦ କରାଯାଇଥିଲା।

### ଅଭିମାନପୁର ଟାଇଗର୍ସ ଚାମ୍ପିୟନ

ମାଣିଆବନ୍ଧ, ୧୦।୪(ଅଖିଳ କୁମାର ସାହୁ)

ବଡ଼ମ୍ବା ବ୍ଲକ ଅନ୍ତର୍ଗତ ଅଭିମାନପୁର ଖେଳପଡ଼ିଆରେ ଚାଲିଥିବା ପିଙ୍କି ମୋବାଇଲ ଆଣ୍ଡ ସ୍ପୋର୍ଟ୍ସ ଆନୁକୂଲ୍ୟରେ ଆୟୋଜିତ ଅଭିମାନପୁର ପ୍ରିମିୟର ଲିଗ୍ ଟୁର୍ଣ୍ଣାମେଣ୍ଟର ବୁଧବାର ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହୋଇଯାଇଛି। ଖେଳରେ ଟୁଟୁ ୱାରିୟର୍ସକୁ ୩ ଉଇକେଟରେ ପରାସ୍ତକରି ଅଭିମାନପୁର ଟାଇଗର୍ସ ଚାମ୍ପିୟନ ହୋଇଛି। ପ୍ରଥମେ ବ୍ୟାଟିଂକରି ଟୁଟୁ ୱାରିୟର୍ସ ୧୫ ଓଭରରେ ସମସ୍ତ ଉଇକେଟ ହରାଇ ୧୧୮ ରନ୍ କରିଥିଲା। ଜବାବରେ ଅଭିମାନପୁର ଟାଇଗର୍ସ ୧୨.୨ ଓଭରରେ ୭ଟି ଉଇକେଟ ହରାଇ ଆବଶ୍ୟକ ରନ୍ କରି ବିଜୟୀ ହୋଇଛି। ପୁରସ୍କାର ବିତରଣୀ ଉତ୍ସବରେ ବିଧାୟକ ଦେବୀ ପ୍ରସାଦ ମିଶ୍ର ଯୋଗଦେଇ ଚାମ୍ପିୟନ ଦଳ ଅଭିମାନପୁର ଟାଇଗର୍ସକୁ ଟ୍ରଫି ସହ ନଗଦ ୧୨ ହଜାର, ରନର୍ସ ଅପ୍ ଟୁଟୁ ୱାରିୟର୍ସକୁ ଟ୍ରଫି ସହ ୮ ହଜାର ଟଙ୍କା, ମ୍ୟାନ୍ ଅଫ୍ ଦି ଫାଇନାଲ ସୁରେଶ କୁମାରଙ୍କୁ ଟ୍ରଫି ଓ ମ୍ୟାନ୍ ଅଫ୍ ଦି ଟୁର୍ଣ୍ଣାମେଣ୍ଟ ଭାବେ ବିଷ୍ଣୁ କୁମାରଙ୍କୁ ପୁରସ୍କୃତ କରିଥିଲେ। ସମ୍ମାନିତ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷ ରଘୁପତି ମହାନ୍ତି, ବ୍ଲକ ବିଜେଡି ସଭାପତି ରବୀନ୍ଦ୍ର କୁମାର ସାହୁ, ସାମାଜିକ କର୍ମୀ ସୁବାସ ଦେବନାଥ, ସୂର୍ଯ୍ୟମଣି ଦାସ, ବିଭୂତି ପଣ୍ଡା ପ୍ରମୁଖ ଯୋଗଦେଇଥିଲେ। ଖେଳକୁ ଅମ୍ପାୟର ଦୀପକ କୁମାର ଓ ସୁଜିତ୍ କୁମାର ପରିଚାଳନା କରିଥିଲେ। ଆୟୋଜକ ପ୍ରକାଶ ପଣ୍ଡା ଧାରା ବିବରଣୀ ଓ ଧନ୍ୟବାଦ ଦେଇଥିଲେ।

# କଂଗ୍ରେସ ଖୋଜୁଛି ନୂଆ ମୁହଁ

- ମାହାଙ୍ଗା ନିର୍ବାଚନମଣ୍ଡଳୀ
- ଦୁର୍ବଳ ସଙ୍ଗଠନକୁ ସୁଧାରିବ କିଏ

ନିଶ୍ଚିନ୍ତକୋଇଲି,୧୦।୪
(ଅଶୋକ କୁମାର ମହାପାତ୍ର)

୨୦୨୪ ସାଧାରଣ ନିର୍ବାଚନ ପାଇଁ ମାହାଙ୍ଗା ନିର୍ବାଚନମଣ୍ଡଳୀ ଚଳଚଞ୍ଚଳ ହୋଇଉଠିଛି। ଭାଜପା ନୂଆ ମୁହଁ ଭାବେ ସୁମନ୍ତ ଘଡ଼େଇଙ୍କୁ ପ୍ରାର୍ଥୀ କରିଥିବା ବେଳେ ବିଜେଡି ଅଙ୍କିତ ପ୍ରତାପ ଜେନାଙ୍କ ନାମରେ ମୋହର ମାରିଥିଲା। କିନ୍ତୁ କଂଗ୍ରେସ ଏଯାବତ୍ ପ୍ରାର୍ଥୀଙ୍କ ନାମ ଘୋଷଣା କରିନାହିଁ। ଫଳରେ ରାଜନୈତିକ ମହଲରେ ଚର୍ଚ୍ଚା ଜୋର୍ ଧରିଛି।

ଗତ ୩ଟି ନିର୍ବାଚନର ଭୋଟ ଅନୁଶୀଳନ କଲେ ଜଣାପଡୁଛି ଯେ, କଂଗ୍ରେସ ଦିନକୁ ଦିନ ଏହି ବିଧାନସଭା କ୍ଷେତ୍ରରେ ଦୁର୍ବଳ ହୋଇପଡ଼ିଛି। ବରିଷ୍ଠ କଂଗ୍ରେସ ନେତା ମତଲୁବ ଅଲ୍ଲୀଙ୍କ ପରେ ଦଳର ସାଙ୍ଗଠନିକ ଦୁର୍ବଳତା ଦେଖାଦେଇଛି। ଏପରିକି ୨୦୧୯ ନିର୍ବାଚନରେ କଂଗ୍ରେସ ମାତ୍ର ୧୪,୯୨୨ ଖଣ୍ଡ ଭୋଟ ପାଇଥିଲା। ଏକଦା ମାହାଙ୍ଗାରେ କ୍ରମାଗତ କ୍ଷମତାସୀନ ହେଉଥିବା କଂଗ୍ରେସର ଅଧୋଗତିର କାରଣ କ'ଣ ହୋଇପାରେ ବୋଲି ଦଳୀୟ ନେତୃମଣ୍ଡଳୀମାନେ ସମୀକ୍ଷା କରୁଛନ୍ତି। ତେବେ ଚଳିତଥର ଉଭୟ ବିଜେଡି ଓ ଭାଜପା ନୂଆ ଯୁବ ପ୍ରାର୍ଥୀଙ୍କ ନାମ ଘୋଷଣା କରିଛି। ତେବେ କଂଗ୍ରେସ କ'ଣ ନୂଆ ଯୁବ ପ୍ରାର୍ଥୀ ଅନ୍ୱେଷଣରେ ଅଛି ବୋଲି ସାଧାରଣରେ ପ୍ରଶ୍ନ ହେଉଛି। ମାହାଙ୍ଗା ବିଧାନସଭା କ୍ଷେତ୍ରରୁ ଗତଥର ଦେବେନ୍ଦ୍ର ସାହୁ ନିର୍ବାଚନ ଲଢ଼ି ଥିଲେ। କିନ୍ତୁ ଚଳିତଥର ଏକାଧିକ ପ୍ରାର୍ଥୀ ହେବା ପାଇଁ ଆବେଦନ କରିଛନ୍ତି। ତେବେ କଂଗ୍ରେସ ଏପର୍ଯ୍ୟନ୍ତ ପ୍ରାର୍ଥୀ ଚୟନ କରିନାହିଁ। ପିସିସିର ସାଧାରଣ ସମ୍ପାଦକ ପ୍ରଦୀପ୍ତ ଦାସ ନିଶ୍ଚିନ୍ତକୋଇଲି ବ୍ଲକରୁ ପ୍ରତିନିଧିତ୍ୱ କରୁଥିବା ବେଳେ ମାହାଙ୍ଗା ବ୍ଲକରୁ ଦେବେନ୍ଦ୍ର ସାହୁ ଓ ମତଲୁବ ଅଲ୍ଲୀଙ୍କ ପୁଅ ସେକ୍ ମାସୁଦ ଅଲ୍ଲୀ ଆଶାୟୀ ଅଛନ୍ତି। ତେବେ ମୁଖ୍ୟ ୩ ଜଣ ପ୍ରାର୍ଥୀ ହେବା ପାଇଁ ଦୌଡ଼ରେ ଥିବା ବେଳେ କଂଗ୍ରେସ କାହାକୁ ଚଳିତଥର ଟିକେଟ ଦେବ ଅଦ୍ୟାବଧି ସ୍ଥିର କରିପାରିନାହିଁ। ତେବେ କଂଗ୍ରେସର ବିଳମ୍ବିତ ପ୍ରାର୍ଥୀ ଘୋଷଣା ଯୋଗୁ ସଙ୍ଗଠନ ଠିକ୍ ହୋଇ ନ ପାରିବାରୁ ଭୋଟହାର କମୁଥିବା ରାଜନୈତିକ ମହଲରେ ଚର୍ଚ୍ଚା ହେଉଛି। ଯଦି ମାହାଙ୍ଗା ବିଧାନସଭା କ୍ଷେତ୍ରର କଂଗ୍ରେସ ଭୋଟହାରକୁ ଦେଖାଯାଏ ତେବେ ୨୦୦୯ରେ କଂଗ୍ରେସ ପ୍ରାର୍ଥୀ ଏହି ନିର୍ବାଚନ କ୍ଷେତ୍ରରୁ ୬୦ ହଜାର ଭୋଟ ପାଇଥିବା ବେଳେ ୨୦୧୪ରେ ୨୨,୨୫୭ ଖଣ୍ଡ ଓ ୨୦୧୯ରେ ୧୪,୯୨୨ ଖଣ୍ଡ ଭୋଟ ପାଇଛି। ଓଡ଼ିଶା ପ୍ରଦେଶ କଂଗ୍ରେସରେ ଦେବେନ୍ଦ୍ର ସାହୁ ଶୃଙ୍ଖଳା କମିଟି ସଦସ୍ୟ ଥିବାବେଳେ ପ୍ରଦୀପ୍ତ ଦାସ ସାଧାରଣ ସମ୍ପାଦକ ଭାବେ କାର୍ଯ୍ୟ କରୁଛନ୍ତି। ଦୁଇଜଣଙ୍କ ମଧ୍ୟରେ ସମନ୍ୱୟ ନ ଥିବା ଯୋଗୁ ପୃଥକ୍ ପୃଥକ୍ ଭାବେ ନିଜ ସଙ୍ଗଠନକୁ ସୁଦୃଢ଼ କରିବା ପାଇଁ ଅଣ୍ଟା ଭିଡ଼ିଛନ୍ତି। କିଏ ଟିକେଟ ପାଇବ ସେନେଇ କଂଗ୍ରେସ କର୍ମୀଙ୍କ ମହଲରେ ଚର୍ଚ୍ଚା ହେଉଛି। କଂଗ୍ରେସର ପୂର୍ବତନ ବ୍ଲକ ସଭାପତି ଦିଲୀପ କୁମାର ରାଉତ କୁହନ୍ତି, କଂଗ୍ରେସ ଏକ ଜାତୀୟ ଦଳ। ଏହାର ପ୍ରାର୍ଥୀ ଚୟନ ନିଷ୍ପତ୍ତି କେନ୍ଦ୍ରୀୟ ନେତୃମଣ୍ଡଳୀ ନେଇଥାନ୍ତି। ପ୍ରଦୀପ୍ତ ମାହାଙ୍ଗା ବିଧାନସଭା କ୍ଷେତ୍ରରେ ବିଭିନ୍ନ ସ୍ଥାନରେ କାର୍ଯ୍ୟକରି ସଙ୍ଗଠନକୁ ସୁଦୃଢ଼ କରିଛନ୍ତି। ଚଳିତଥର ଅନ୍ୟ ଦଳଗୁଡ଼ିକ ଯୁବ ଓ ନୂଆ ମୁହଁ ନିର୍ବାଚନରେ ପ୍ରାର୍ଥୀ କରାଇଛନ୍ତି। କଂଗ୍ରେସ ମଧ୍ୟ ଦକ୍ଷତାସମ୍ପନ୍ନ ବ୍ୟକ୍ତିଙ୍କୁ ପ୍ରାର୍ଥୀ ଦେବ ଓ ନୂଆ ମୁହଁକୁ ସୁଯୋଗ ଦେଇପାରେ ବୋଲି ସେ କହିଛନ୍ତି।



ଇଦ୍ ପର୍ବ ପାଳନ ଉପଲକ୍ଷେ ବୁଧବାର କଟକ ଦରଘାବଜାରସ୍ଥିତ କଦମ-ଇ-ରସୁଲକୁ ଆଲୋକମାଳାରେ ସଜ୍ଜିତ କରାଯାଇଛି।

# ଦାଦାବଟି ନ ଦେବାରୁ ଗୁଳିମାଡ଼, ଜଣେ ଗୁରୁତର

ଆଠଗଡ଼,୧୦।୪(ସତ୍ୟ ପ୍ରସାଦ ରଥ)

କଟକ ଜିଲା ଆଠଗଡ଼ ଥାନା ଅନ୍ତର୍ଗତ ୬୫ ନଂ. ରାଜ୍ୟ ରାଜପଥ ନିକଟସ୍ଥ ଖୁଣ୍ଟକଟା ପଞ୍ଚାୟତର ମହୀଧରପୁର ଗାଁରେ ବୁଧବାର ଅପରାହ୍ନ ସାଢ଼େ ୫ଟାରେ ଦାଦାବଟି ନ ଦେବାରୁ ବଚସାକୁ ନେଇ ଗୁଳିକାଣ୍ଡ ଘଟିଛି। ମହୀଧରପୁରର ଟ୍ରାକ୍ଟର ମାଲିକ ବିଶ୍ୱଜିତ ପଲେଇ ଓରଫ୍ କୁଲୁ(୨୫)ଙ୍କୁ ତାଙ୍କ ଗାଁର ଦିଲୁ ପଲେଇ, ପି.ମେଘନାଦ ପଲେଇ ୧ ରାଉଣ୍ଡ ଗୁଳି ଚଳାଇ ଘଟଣାସ୍ଥଳରୁ ଫେରାର ହୋଇଯାଇଛନ୍ତି। ବିଶ୍ୱଜିତଙ୍କ ପେଟର ଦକ୍ଷିଣ ପାର୍ଶ୍ୱରେ ଗୁଳି ବାଜିଛି। ଘଟଣା ଘଟିବା ପରେ ଖବରପାଇ ବିଶ୍ୱଜିତଙ୍କ ପରିବାର ବର୍ଗ ଓ ଗ୍ରାମବାସୀ ୧୦୮ ଆମ୍ବୁଲାନ୍ସ ଯୋଗେ ଆଠଗଡ଼ ଉପଖଣ୍ଡ ଚିକିତ୍ସାଳୟରେ ତାଙ୍କୁ ଭର୍ତ୍ତି କରିଥିଲେ। ସେଠାରେ ତାଙ୍କର ସ୍ୱାସ୍ଥ୍ୟାବସ୍ଥା ସଙ୍କଟାପନ୍ନ ହେବାରୁ ଅଧିକ ଚିକିତ୍ସା ଲାଗି କଟକ ସ୍ଥାନାନ୍ତର କରାଯାଇଛି। ଗୁଳିକାଣ୍ଡ ପରେ ଗାଁରେ ଉତ୍ତେଜନା ପ୍ରକାଶ ପାଇଛି। ଖବରପାଇ ଆଠଗଡ଼ ଥାନା ଅଧିକାରୀ ଅନିରୁଦ୍ଧ ମୁଦୁଲି ସଦଳବଳ ଘଟଣାସ୍ଥଳରେ ପହଞ୍ଚି ପରିସ୍ଥିତିକୁ ନିୟନ୍ତ୍ରଣ କରିବା ସହ ତଦନ୍ତ ଆରମ୍ଭ କରିଛନ୍ତି। ଆହତ ବିଶ୍ୱଜିତଙ୍କ ସାନଭାଇ ଅଭିଜିତ ପଲେଇ ଏ ସଂକ୍ରାନ୍ତରେ ଥାନାରେ ଏତଲା ଦେଇଛନ୍ତି। ଏତଲାକୁ ଭିତ୍ତିକରି ପୋଲିସ ନଂ. ୧୧୪/୨୪ରେ ମାମଲା ରୁଜୁ କରିଛି।

ପୋଲିସ ସୂତ୍ରରୁ ପ୍ରକାଶ, ମହୀଧପୁର ଗାଁରେ ବିଶ୍ୱଜିତ ଏକ ଜମିରେ ଟ୍ରାକ୍ଟର ଲଗାଇ କାମ କରୁଥିବା ବେଳେ ଅଭିଯୁକ୍ତ ଦିଲୁ ଆସି ୫୦ ହଜାର ଟଙ୍କା ଦେବା ପାଇଁ ଦାବି କରିଥିଲେ। ଏଥିପାଇଁ ଦୁଇଜଣଙ୍କ ମଧ୍ୟରେ ବଚସା ହୋଇଥିଲା। ଏଥିରେ ଉତ୍‌କ୍ଷିପ୍ତ ହୋଇ ଦିଲୁ ଗୁଳି ଚାଳନା କରିଥିବା ଅଭିଯୋଗ ହୋଇଛି। ଅଭିଯୁକ୍ତ ଦିଲୁଙ୍କ ନାମରେ ଆଠଗଡ଼, ତିଗିରିଆ ଆଦି ଥାନାରେ ଆପରାଧିକ ମାମଲା ରହିଥିବା ପୋଲିସ ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି ବୋଲି ଆଠଗଡ ଥାନା ଉପ-ନିରୀକ୍ଷକ ରାଧାନାଥ ରାଉତ ସୂଚନା ଦେଇଛନ୍ତି।


ଗୁଳିମାଡ଼ରେ ଆହତ ବିଶ୍ୱଜିତ ପଲେଇ।



ବାରଙ୍ଗ ଗୋଲେଇ ଛକରେ ବିଜେଡି ପଥପ୍ରାନ୍ତ ସମାବେଶରେ କଟକ ଲୋକ ସଭା ପ୍ରାର୍ଥୀ ସନ୍ତୃପ୍ତ ମିଶ୍ର, ବାଙ୍କୀ ବିଧାୟକ ପ୍ରାର୍ଥୀ ଦେବୀରଞ୍ଜନ ତ୍ରିପାଠୀ ଓ କର୍ମୀମାନେ।

# ବିଜେଡିର ଜନସମ୍ପର୍କ ଶୋଭାଯାତ୍ରା

ବାରଙ୍ଗ,୧୦।୪(ଲିଙ୍ଗରାଜ ରାଉତ):

ନିର୍ବାଚନ ଯେତିକି ପାଖେଇ ଆସୁଛି ପ୍ରଚାର ଉଷ୍ମତା ସେତିକି ବଢ଼ି ବଢ଼ି ଚାଲିଥିବା ଦେଖିବାକୁ ମିଳୁଛି। ବୁଧବାର ବିଜେଡି ପକ୍ଷରୁ ବାରଙ୍ଗ ଅଞ୍ଚଳରେ ବିଜେଡିର ଜନସମ୍ପର୍କ ଅଭିଯାନ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ବାଙ୍କୀ ବିଜେଡି ବିଧାୟକ ପ୍ରାର୍ଥୀ ଦେବୀରଞ୍ଜନ ତ୍ରିପାଠୀ ଏବଂ କଟକ ଲୋକ ସଭା ନିର୍ବାଚନମଣ୍ଡଳୀ ସାଂସଦ ପ୍ରାର୍ଥୀ ସନ୍ତୃପ୍ତ ମିଶ୍ର ଏକ ଶୋଭାଯାତ୍ରାରେ ବିଜେଡି କର୍ମୀଙ୍କ ସହିତ ବିରାଟ ପଟୁଆରେ ଅପରାହ୍ନ ୫ଟା ସମୟରେ ରୋଡ ଶୋ' କରିଛନ୍ତି। ତ୍ରିଶୂଳିଆଛକରୁ ବାହାରି ବାରଙ୍ଗ ସୀତାରାମ ବଜାର ଛକ ପର୍ଯ୍ୟନ୍ତ ପରିକ୍ରମା କରିଥିଲେ। ସନ୍ଧ୍ୟା ସମୟରେ ଫୁଲପୋଖରୀ ନିକଟରେ ଥିବା ଏକ କଲ୍ୟାଣ ମଣ୍ଡପଠାରେ ଏକ ସଭାର ଆୟୋଜନ କରାଯାଇଥିଲା। ଉଭୟ ପ୍ରାର୍ଥୀ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଓଡ଼ିଶାର ବିକାଶଧାରାକୁ ଲୋକମାନଙ୍କୁ ବୁଝାଇବା ସହିତ ଭୋଟ ମାଗି ଆଶୀର୍ବାଦ ଗ୍ରହଣ କରିଥିଲେ। ଉକ୍ତ ସଭାରେ ସାଂସଦ ପ୍ରାର୍ଥୀ ମିଶ୍ର ନିଜର ଅଭିଭାଷଣରେ ମୁଁ କେବେ ବାରଙ୍ଗ ଅଞ୍ଚଳର ବାସିନ୍ଦା ହେବି କହିବା ସହ ବିରୋଧୀଙ୍କୁ ଟାର୍ଗେଟ କରିଥିଲେ। ସେହିପରି ବିଧାୟକ ପ୍ରାର୍ଥୀ ତ୍ରିପାଠୀ ମୁଖ୍ୟମନ୍ତ୍ରୀ ଓଡ଼ିଶାକୁ ଏକ ବିକଶିତ ରାଜ୍ୟରେ ପରିଣତ କରିବାକୁ ଯେଉଁ ସଂକଳ୍ପ ନେଇଛନ୍ତି ତାହା ନିଶ୍ଚୟ ପୂରଣ ହେବ ବୋଲି କହିଥିଲେ। ସେହିପରି ବାଙ୍କୀର ପୂର୍ବତନ ବିଧାୟକ ପ୍ରଭାତ ତ୍ରିପାଠୀ ଏହି ସଭାରେ ଯୋଗଦେଇ ବାରଙ୍ଗ ଅଞ୍ଚଳରେ ଏବେ ଯେଉଁ ଉନ୍ନତି ହୋଇଛି କେବଳ ମୁଖ୍ୟମନ୍ତ୍ରୀଙ୍କ ପାଇଁ ଏବଂ ବିଧାୟକ ଦେବୀ ରଞ୍ଜନଙ୍କ ପାଇଁ। ଏଥର ପୁଣି ଡବଲ ଶଙ୍ଖ ଚିହ୍ନରେ ବିପୁଳ ସଂଖ୍ୟାରେ ସାଂସଦ ଓ ବିଧାୟକ ପ୍ରାର୍ଥୀଙ୍କୁ ଭୋଟ ଦେଇ ଜୟଯୁକ୍ତ କରାଇବେ ବୋଲି ନିବେଦନ କରିଥିଲେ। ଏହି କାର୍ଯ୍ୟକ୍ରମରେ ସରପଞ୍ଚ, ସମିତି ସଭ୍ୟ, ବ୍ଲକ ଅଧକ୍ଷା ଓ ଅଧକ୍ଷଙ୍କ ସମେତ ସହିତ ସ୍ଥାନୀୟ ଅଞ୍ଚଳର ସମସ୍ତ ବିଜେଡି କର୍ମୀ ଉପସ୍ଥିତ ଥିଲେ। ତେବେ ଏହି ଶୋଭାଯାତ୍ରାରେ କଟକ ଉପଜିଲାପାଳଙ୍କ ଗାଡ଼ି ଏବଂ ଏକ ଆମ୍ବୁଲାନ୍ସ ଫସିଯାଇଥିଲା। ଭିଡରୁ ସେମାନଙ୍କୁ ବାହାରକରିବା ପାଇଁ ଟ୍ରାଫିକ ପୋଲିସଙ୍କୁ ନୟାନ୍ତ ହେବାକୁ ପଡ଼ିଥିଲା।

### କଳାପଥରରେ ବିଜେଡିରେ ମିଶ୍ରଣ ପର୍ବ

ବାଙ୍କୀ,୧୦।୪(ଜ୍ଞାନେନ୍ଦ୍ର ମୋହନ ମିଶ୍ର)

ବାଙ୍କୀ ବ୍ଲକ ଅନ୍ତର୍ଗତ କଳାପଥର ପଞ୍ଚାୟତର ପର୍ଶୁରାମପୁର ଓ ମଧୁଆପଲ୍ଲୀ ପାଟଣା ଗାଁର ଲକ୍ଷ୍ମୀଧର ବେହେରା, ପ୍ରକାଶ ବେହେରା, ବାସୁଦେବ ଭୋଇ, ସମୀର କୁମାର ବେହେରା, ପାର୍ଥ ବେହେରା ବିଜେଡିରେ ଯୋଗଦେଇଛନ୍ତି। ଏହି ମିଶ୍ରଣ ପର୍ବରେ ପୂର୍ବତନ ବିଧାୟକ ପ୍ରଭାତ କୁମାର ତ୍ରିପାଠୀ, ସ୍ଥାନୀୟ ନେତା କାଳନ୍ଦୀ ବେହେରା, ସିଦ୍ଧେଶ୍ୱର ଭୋଇ, ମଙ୍ଗୁଳି ସାହୁ, ମନୋରଞ୍ଜନ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଓଡ଼ିଶା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ବାଙ୍କୀ ବିଧାୟକ ଦେବୀରଞ୍ଜନ ତ୍ରିପାଠୀଙ୍କ ଲୋକାଭିମୁଖୀ କାର୍ଯ୍ୟରେ ପ୍ରଭାବିତ ହୋଇ ସେମାନେ ବିଜେଡିରେ ଯୋଗଦେଇଛନ୍ତି ବୋଲି ପ୍ରକାଶ କରିଛନ୍ତି।

### ବୈଶାଖୀ ମେଳା ବାଣିଜ୍ୟ ଅଭିବୃଦ୍ଧିରେ ସହାୟକ ହେବ

ବଡ଼ମ୍ବା,୧୦।୪(ମାୟାଧର ମଲ୍ଲିକ)

ବଡ଼ମ୍ବା କଲେଜ ପଡ଼ିଆରେ ଚାଲିଥିବା ଦ୍ୱିତୀୟ ବୃହଦମ୍ବା ବୈଶାଖୀ ମହୋତ୍ସବର ବୁଧବାର ଦ୍ୱିତୀୟ ସନ୍ଧ୍ୟା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବଡ଼ମ୍ବା ବିଧାୟକ ଦେବୀ ପ୍ରସାଦ ମିଶ୍ର ଯୋଗଦେଇ ବୈଶାଖୀ ମେଳା ସଂସ୍କୃତି ଓ ବାଣିଜ୍ୟ କ୍ଷେତ୍ରର ଅଭିବୃଦ୍ଧିରେ ସହାୟକ ହୋଇଥାଏ ବୋଲି କହିଥିଲେ। କ୍ଲବ ବାଦ୍‌ଶାହା, ମହାବୀର ବଣିକ ସଂଘ ଓ ୩ ନଂ. ୱାର୍ଡର ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ମହୋତ୍ସବରେ ଅନୁଷ୍ଠାନ ସଭାପତି ସଞ୍ଜୟ କୁମାର ସ୍ୱାଇଁ ପୌରୋହିତ୍ୟ କରିଥିଲେ। ସମ୍ମାନିତ ଅତିଥି ଭାବେ ରବୀନ୍ଦ୍ର ସାହୁ, ପ୍ରଦୀପ କୁମାର ସ୍ୱାଇଁ, ଦେବରାଜ ପାଟଶାଣୀ, ପରମାନନ୍ଦ ସେଠୀଙ୍କ ସମେତ ଅନ୍ୟ କର୍ମକର୍ତ୍ତା ଯୋଗଦେଇଥିଲେ। ଏହି ଅବସରରେ କଳାକାରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ମହୋତ୍ସବ ପଡ଼ିଆରେ ବିଭିନ୍ନ ଷ୍ଟଲ୍ ସହ ଖାଦ୍ୟ ଷ୍ଟଲ୍‌ରେ ଗହଳି ସାଙ୍ଗକୁ ଆତସବାଜି ପ୍ରଦର୍ଶନ କରାଯାଇଥିଲା।

# ପ୍ରଥମ ଯକୃତ ପ୍ରତିରୋପଣ ରୋଗୀଙ୍କ ସ୍ୱାସ୍ଥ୍ୟାବସ୍ଥା ସୁଧୁରୁଛି

କଟକ,୧୦।୪(ଶିଳ୍ପା ପ୍ରିୟଦର୍ଶିନୀ)

**ଏସ୍‌ସିବି ମେଡିକାଲ**




- ଆଇସିୟୁରୁ ଏଚ୍‌ଡିୟୁକୁ ସ୍ଥାନାନ୍ତର

ଏସ୍‌ସିବି ମେଡିକାଲରେ ପ୍ରଥମ ଥର ପାଇଁ ଲିଭର(ଯକୃତ) ପ୍ରତିରୋପଣ କରାଯାଇଥିବା ରୋଗୀଙ୍କ ସ୍ୱାସ୍ଥ୍ୟାବସ୍ଥାରେ ସୁଧାର ଆସିଛି। ଉଭୟ ଦାତା ଓ ଗ୍ରହୀତାଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ଥିବାରୁ ସେମାନଙ୍କୁ ଆଇସିୟୁରୁ ବୁଧବାର ସ୍ଥାନାନ୍ତର କରାଯାଇଛି। ଦାତାଙ୍କୁ ୱାର୍ଡରେ ରଖାଯାଇଥିବାବେଳେ ଗ୍ରହୀତାଙ୍କୁ ଏଚ୍‌ଡିୟୁ (ହାଇ ଡିପେଣ୍ଡେନ୍ସ ୟୁନିଟ୍)କୁ ସ୍ଥାନାନ୍ତରିତ କରାଯାଇଛି। ମେଡିକାଲରୁ ସେମାନଙ୍କୁ ଡିସ୍‌ଚାର୍ଜ କରାଯିବା ପାଇଁ ପ୍ରାୟ ୨ ମାସ ସମୟ ଲାଗିବ। ସୂଚନାଯୋଗ୍ୟ, ଗତ ୩ ତାରିଖରେ ଏସ୍‌ସିବି ମେଡିକାଲରେ କଟକ ଜିଲା ତିଗିରିଆ ଅଞ୍ଚଳର ଜଣେ ବ୍ୟକ୍ତିଙ୍କ ଶରୀରରେ ଲିଭର ପ୍ରତିରୋପଣ କରାଯାଇଥିଲା। ହାଇଦ୍ରାବାଦସ୍ଥିତ ଏଆଇଜି ଟିମ୍ ଓ ଏସ୍‌ସିବିର ଡାକ୍ତରମାନେ ଅସ୍ତ୍ରୋପଚାର ମାଧ୍ୟମରେ ସ୍ତ୍ରୀଙ୍କ ଶରୀରରୁ ଲିଭର କାଢି ସ୍ୱାମୀଙ୍କ ଶରୀରରେ ପ୍ରତିରୋପଣ କରିଥିଲେ। ଗ୍ରହୀତାଙ୍କ ଠାରେ ଲାଗିଥିବା ଯକୃତକୁ ଶରୀର ଯେପରି ଗ୍ରହଣ କରିବ ସେଥିପାଇଁ ରୋଗ ପ୍ରତିରୋଧକ ଶକ୍ତି କମାଇବା ନିମନ୍ତେ ଔଷଧ ଦିଆଯାଉଛି। ତେଣୁ ରୋଗୀଙ୍କୁ ବାହ୍ୟ ସଂକ୍ରମଣର ଭୟ ରହିଛି। ଏଥିପାଇଁ ମେଡିକାଲ ପକ୍ଷରୁ ସ୍ୱତନ୍ତ୍ର ପଦକ୍ଷେପ ନିଆଯାଉଛି। ସମ୍ପୃକ୍ତ ବ୍ୟକ୍ତି ରହୁଥିବା ସ୍ଥାନକୁ ପରିଷ୍କାର ରଖାଯିବା ସହ ତାଙ୍କୁ ଭେଟିବା ପାଇଁ ଯାଉଥିବା ଡାକ୍ତର, ନର୍ସ, ସମ୍ପର୍କୀୟମାନେ ମାସ୍କ, ଆପ୍ରନ୍, ଗ୍ଲୋଭ୍ସ, ଅଲଗା ଚପଲ ପିନ୍ଧି ଭିତରକୁ ଯାଉଛନ୍ତି। ଏନେଇ ଏସ୍‌ସିବି ପ୍ରଶାସନିକ ଅଧିକାରୀ ଡ. ଅବିନାଶ ରାଉତ କହିଛନ୍ତି, ବର୍ତ୍ତମାନ ଉଭୟ ସ୍ତ୍ରୀ ଓ ସ୍ୱାମୀଙ୍କ ସ୍ୱାସ୍ଥ୍ୟାବସ୍ଥା ଭଲ ଅଛି। ସେମାନେ ଚଲାବୁଲା କରିବା ସହ ରନ୍ଧାଖାଦ୍ୟ ଖାଉଛନ୍ତି। ସେହିପରି ଦାତାଙ୍କର କଟାଯାଇଥିବା ଯକୃତ ବଢ଼ିବା ଆରମ୍ଭ କରିଲାଣି। ବର୍ତ୍ତମାନ ସେମାନେ ସମ୍ପୂର୍ଣ୍ଣ ବାହ୍ୟ ଦୁନିଆରୁ ଦୂରରେ ରହିବା ହିଁ ତାଙ୍କ ସ୍ୱାସ୍ଥ୍ୟ ପ୍ରତି ହିତକାରକ ବୋଲି ରାଉତ କହିଛନ୍ତି।

# ଡମପଡ଼ା ବ୍ଲକ୍‌ରେ ବିଜୁ ଯୁବ ଛାତ୍ର ବିଜେଡି ସମାବେଶ

ବାଙ୍କୀ,୧୦।୪(ଜ୍ଞାନେନ୍ଦ୍ର ମୋହନ ମିଶ୍ର)

ଡମପଡ଼ା ବ୍ଲକ ଅନ୍ତର୍ଗତ କୁଶୁପଙ୍ଗି ପଞ୍ଚାୟତର ମା' ଅରାଚଣ୍ଡୀ ଠାକୁରାଣୀ ପୀଠରେ ବିଜୁ ଯୁବ ଓ ଛାତ୍ର ବିଜେଡି ସମାବେଶ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ବାଙ୍କୀ ବିଧାୟକ ଦେବୀରଞ୍ଜନ ତ୍ରିପାଠୀ ଯୋଗଦେଇ ଆଗାମୀ ନିର୍ବାଚନରେ ଆମେ ସମସ୍ତେ ସଂକଳ୍ପ ନେଇ ବାଙ୍କୀ ବିକାଶକୁ ଅଗେଇନେବା। ଯେଉଁମାନେ ବାଙ୍କୀ ବିକାଶରେ ବାଧା ସୃଷ୍ଟି କରୁଛନ୍ତି ସେମାନଙ୍କୁ ବିରୋଧ କରିବାକୁ ଆହ୍ୱାନ ଦେଇଥିଲେ। ଏଥିରେ ଅନ୍ୟତମ ଅତିଥି ଭାବେ ବାଙ୍କୀର ପୂର୍ବତନ ବିଧାୟକ ପ୍ରଭାତ କୁମାର ତ୍ରିପାଠୀ ଯୋଗଦେଇ ଆଗାମୀ ନିର୍ବାଚନ ରଣନୀତି ସମ୍ପର୍କରେ କହିବା ସହ ସମସ୍ତ ବିଜେଡି କର୍ମୀ ଏକାଠି ହୋଇ ସାଂସଦ ପ୍ରାର୍ଥୀ ସଂତୃପ୍ତ ମିଶ୍ର ଏବଂ ବିଧାୟକ ଦେବୀରଞ୍ଜନ ତ୍ରିପାଠୀଙ୍କୁ ଭୋଟ ଦେବାକୁ ଯୁବକ ଓ ଛାତ୍ରମାନଙ୍କୁ ଆହ୍ୱାନ ଦେଇଥିଲେ। ଏଥିରେ ଡମପଡ଼ା ବ୍ଲକର ଯୁବ ବିଜେଡି ସଭାପତି ଭାଗୀରଥି ପାଣି ସଭାପତିତ୍ୱ କରିଥିଲେ। ଡମପଡ଼ା ବ୍ଲକ ଅଧ୍ୟକ୍ଷ ପ୍ରଣବ କିଶୋର ପଟେଲ, ୩୮ ନଂ. ଜିଲା ପରିଷଦ ସଦସ୍ୟ ଆଶିଷ କୁମାର ସାହୁ, କେନ୍ଦ୍ରୀୟ ଜୋନ୍ ଜିଲା ପରିଷଦ ସଦସ୍ୟା ମିନତି ମହାପାତ୍ର, ଉପନଗରପାଳ ସନ୍ତୋଷ କୁମାର ରଣା, କଟକ ଜିଲା ବିଜେଡି ସାଧାରଣ ସମ୍ପାଦକ ସନାତନ ବେହେରା, ମହିଳା ବିଜେଡି ସଭାପତି ଲିଲି ବେହେରା, ସୁବାସ ଚନ୍ଦ୍ର ପାଢ଼ୀ, ବାଙ୍କୀ ଛାତ୍ର ବିଜେଡି ସଭାପତି ଗୌରବ ବଳିୟାରସିଂହ, ବିଜେଡି ନେତା ଅଜିତ୍ ଜେନା, ସମବାୟବିତ୍ ସମରେନ୍ଦ୍ର ମହାପାତ୍ର, ଡମପଡ଼ା ବ୍ଲକ ବିଜେଡି ସଭାପତି ଆର୍ତ୍ତତ୍ରାଣ ସ୍ୱାଇଁ, ନଗର ଛାତ୍ର ବିଜେଡି ସଭାପତି ବ୍ରଜବଲ୍ଲଭ କର, କାଉନ୍‌ସିଲର ପଠାଣି ବେହେରା ପ୍ରମୁଖ ସେମାନଙ୍କ ବକ୍ତବ୍ୟ ରଖିଥିଲେ। ଏଥିରେ ୨ ହଜାରରୁ ଊର୍ଦ୍ଧ୍ୱ ଛାତ୍ର ଏବଂ ଯୁବ ବିଜେଡିର କର୍ମୀମାନେ ଯୋଗ ଦେଇଥିଲେ। ସମାବେଶରେ ଗୋପାଳପୁର ପଞ୍ଚାୟତର ଅନ୍ୟ ଦଳର ସୁଶାନ୍ତ ସିଂହ, ଆଲୋକ କୁମାର ସାହୁ, ମନୋଜ କୁମାର ପଣ୍ଡା, ରାକେଶ ସିଂ, ଗୋପୀ ସିଂ, ଧୀରେନ୍ଦ୍ର ନାଥ ସାହୁ, ପ୍ରକାଶ ଚନ୍ଦ୍ର ରଣା ବିଧିବଦ୍ଧ ଭାବେ ବିଜେଡିରେ ଯୋଗଦାନ କରିଥିଲେ। ସମସ୍ତଙ୍କୁ ବିଧାୟକ ତ୍ରିପାଠୀ ଉତ୍ତରୀୟ ଦେଇ ସ୍ୱାଗତ କରିବା ସହ ଆଗାମୀ ଦିନରେ ଗୋପାଳପୁର ପଞ୍ଚାୟତରେ ବିଜେଡି ଅଧିକ ଶକ୍ତିଶାଳୀ ହେବ ବୋଲି ପ୍ରକାଶ କରିଥିଲେ। ଶେଷରେ କୁଶୁପଙ୍ଗି ସରପଞ୍ଚ ନରେଶ ବେଉରା ଧନ୍ୟବାଦ ଅର୍ପଣ କରିଥିଲେ।



ସମାବେଶରେ ବିଧାୟକ ଦେବୀରଞ୍ଜନ ତ୍ରିପାଠୀ ଓ ଅନ୍ୟମାନେ।

## ସଂକ୍ଷେପରେ

# ଆକ୍ରମଣ ମାମଲା: ୨ ଅଭିଯୁକ୍ତଙ୍କୁ ୫ ବର୍ଷ ଲେଖାଏ ଜେଲ

### ନିର୍ଦ୍ଦୋଷରେ ଖଲାସ ହେଲେ ୨ ମହିଳା

ଖୋର୍ଦ୍ଧା,୧୦।୪(ପ୍ରଭାତ ପାଣିଗ୍ରାହୀ)

ଏକ ମରଣାନ୍ତକ ଆକ୍ରମଣ ମାମଲାର ରାୟ ବୁଧବାର ଖୋର୍ଦ୍ଧା ମହିଳା କୋର୍ଟରେ ପ୍ରକାଶ ପାଇଛି। ଏହି ମାମଲାର ବିଚାର କରି ବିଚାରପତି ଚିନ୍ମୟୀ ରଥ ୨ଜଣ ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରି ୫ବର୍ଷ ଲେଖାଏ ଜେଲ ଓ ୫ହଜାର ଟଙ୍କା ଲେଖାଏ ଜରିମାନା ଦଣ୍ଡରେ ଦଣ୍ଡିତ କରିଥିବାବେଳେ ଅନ୍ୟ ୨ମହିଳା ଅଭିଯୁକ୍ତଙ୍କୁ ନିର୍ଦ୍ଦୋଷରେ ଖଲାସ କରିଛନ୍ତି। ଦୋଷୀ ସାବ୍ୟସ୍ତ ହୋଇ ଦଣ୍ଡାଦେଶ ପାଇଥିବା ଅଭିଯୁକ୍ତ ଦ୍ୱୟ ହେଲେ ଦିଲୀପ କୁମାର ନାୟକ ଓ ମହାଜନ ନାୟକ। ପ୍ରକାଶ ଯେ, ୨୦୧୨ ଜୁଲାଇ ୩ତାରିଖ ସକାଳେ ବୋଲଗଡ଼ ଥାନା ବାଙ୍କୋଇ ଫାଣ୍ଡି ଅନ୍ତର୍ଗତ ରାମଚନ୍ଦ୍ରପୁର ଗ୍ରାମର ନଳକୂପଠାରେ ସେହି ଗ୍ରାମର ସଞ୍ଜୁ ଦେଇଙ୍କ ସ୍ୱାମୀ ଦୁଃଶାସନ ନାୟକ ଠିଆହୋଇଥିଲେ। ତେବେ ୱାର୍ଡ ନିର୍ବାଚନକୁ କେନ୍ଦ୍ର କରି ସେହି ଗ୍ରାମର ଦିଲୀପ କୁମାର ନାୟକ ଓରଫ ଦିଲି ଓ ମହାଜନ ନାୟକ ଓରଫ ସୁବାସ ହଠାତ ନଳକୂପ ପାଖକୁ ଆସି ଦୁଃଶାସନକୁ ବିଭିନ୍ନ ମାରଣାସ୍ତ୍ରରେ ଆକ୍ରମଣ କରିଥିଲେ। ସେ ଏହାର ପ୍ରତିବାଦ କରିବାରୁ ତାଙ୍କ ସ୍ତ୍ରୀ ସଞ୍ଜୁ ମଧ ମାଡ଼ ମାରିଥିଲେ। ଏଥିରେ ପ୍ରମିଳା ନାୟକ ଓ ପୁଷ୍ପା ନାୟକ ସହାୟତା କରି ଗାଳିମନ୍ଦ ସହିତ ଆକ୍ରମଣ କରିଥିଲେ। ସ୍ୱାମୀ ଓ ସ୍ତ୍ରୀ ଉଭୟ ଗୁରୁତର ଆହତ ହୋଇ ଖୋର୍ଦ୍ଧା ମେଡିକାଲରେ ଚିକିତ୍ସିତ ହୋଇଥିଲେ। ସଞ୍ଜୁଙ୍କ ଅଭିଯୋଗ କ୍ରମେ ବୋଲଗଡ଼ ପୋଲିସ ଏକ ମକଦ୍ଦମା ରୁଜୁ କରିଥିଲା। ବାଙ୍କୋଇ ଫାଣ୍ଡି ଅଧିକାରୀ ତଦନ୍ତ କରି ଅଭିଯୁକ୍ତ ଦିଲୀପ, ମହାଜନ, ପ୍ରମିଳା ଓ ପୁଷ୍ପାଙ୍କ ବିରୋଧରେ ଚାର୍ଜଶିଟ ଦାଖଲ କରିଥିଲେ। ଏହି ମକଦ୍ଦମା (ଜିଆର୍-୮୭୯/୨୦୧୨)ର ଶୁଣାଣି କରି ସାକ୍ଷ୍ୟ ପ୍ରମାଣ ଭିତ୍ତିରେ ବିଚାରପତି ଉପରୋକ୍ତ ରାୟ ଶୁଣାଇଛନ୍ତି। ସରକାରଙ୍କ ପକ୍ଷରୁ ସରକାରୀ ଓକିଲ ଅରୁଣ ସ୍ୱାଇଁ ଓ ବୀରେନ୍ଦ୍ର ପ୍ରହରାଜ ମକଦ୍ଦମା ପରିଚାଳନା କରିଥିଲେ।

# ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ ୫-ଟି ବିଦ୍ୟାଳୟ ପରିଦର୍ଶନ

ଟାଙ୍ଗୀ- ଖୋର୍ଦ୍ଧା,୧୦।୪
(ରଘୁନାଥ ସାହୁ)

ଟାଙ୍ଗୀ ବ୍ଲକ ଅଧୀନ ମଙ୍ଗଳାଯୋଡ଼ି କାରଟିଆ ସାହି ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଛାତ୍ରୀଛାତ୍ରମାନେ ବୁଧବାର ନିକଟସ୍ଥ ୫-ଟି ରୂପାନ୍ତରିତ ବିଦ୍ୟାଳୟ ପରିଦର୍ଶନ କରିଛନ୍ତି। ଛାତ୍ରୀଛାତ୍ର ପଦ୍ମକୁମୁଦ ବିଦ୍ୟାନିକେତନଠାରେ ପହଞ୍ଚି ଜିଲା ପ୍ରକଳ୍ପ କାର୍ଯ୍ୟାଳୟର ନିର୍ଦ୍ଦେଶକ୍ରମେ ଅଭିଜ୍ଞତା ବିନିମୟ, ଭାବ ବିନିମୟ, ଲକ୍ଷ୍ୟ, ଉଦ୍ଦେଶ୍ୟ, ଅଭ୍ୟାସ ବିନିମୟ କରିଥିଲେ। ପ୍ରଧାନ ଶିକ୍ଷକ ତୋଫାନ୍ ନାୟକ ଏଥିରେ ସଭାପତିତ୍ୱ କରିଥିଲେ। ବିଦ୍ୟାଳୟର ପ୍ରାର୍ଥନା କାର୍ଯ୍ୟକ୍ରମରେ ଛାତ୍ରୀଛାତ୍ର ସାମିଲ ହୋଇଥିଲେ। ପଦ୍ମକୁମୁଦ ବିଦ୍ୟାନିକେତନର ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ପ୍ରିୟଙ୍କା ପ୍ରିୟଦର୍ଶିନୀ ରାଉତଙ୍କ ସଭାପତିତ୍ୱରେ ଆୟୋଜିତ ବୈଠକରେ ଅତିଥି ଭାବେ ଗୋଷ୍ଠୀ ଶିକ୍ଷା ଅଧିକାରୀ ରବୀନ୍ଦ୍ର ସାହୁ, ସହ ଗୋଷ୍ଠୀ ଶିକ୍ଷା ଅଧିକାରୀ ସୁଧାଂଶୁ ମଞ୍ଜରୀ ଦେବୀ, ସଞ୍ଜୁଲତା ବେହେରା ପ୍ରମୁଖ ଯୋଗଦେଇଥିଲେ। ଉଭୟ ବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଅଭିଜ୍ଞତା, ଅଭ୍ୟାସ ସମେତ ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କିତ ବିନିମୟର ଉପାଦେୟତା ସମ୍ପର୍କରେ ମନ୍ତବ୍ୟ ରଖିଥିଲେ। ପ୍ରାଥମିକ ବିଦ୍ୟାଳୟ ଛାତ୍ରୀଛାତ୍ରଙ୍କୁ ସ୍ୱାଗତ କରାଯାଇଥିଲା। ସମସ୍ତେ ବିଦ୍ୟାଳୟର ସ୍ମାର୍ଟ ଶ୍ରେଣୀଗୃହ, ଇ-ଲାଇବ୍ରେରି, ଲାବରେଟୋରି ପରିଦର୍ଶନ କରିଥିଲେ। କାର୍ଯ୍ୟକ୍ରମକୁ ସିଆର୍‌ସିସି ଅମିତ୍ ଚକ୍ରବର୍ତ୍ତୀ ପରିଚାଳନା କରିଥିଲେ। ସେହିପରି ସରକାରୀ ବଧିସାହି ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଛାତ୍ରୀଛାତ୍ର କୁହୁଡ଼ି ଜନତା ଉଚ୍ଚ ବିଦ୍ୟାଳୟଠାରେ ଏହି କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ସେମାନଙ୍କୁ ସ୍ୱାଗତ କରାଯିବା ପରେ ସମୂହ ପ୍ରାର୍ଥନାରେ ସାମିଲ ହୋଇଥିଲେ। ପ୍ରଧାନ ଶିକ୍ଷକ ଅର୍ଜୁନ ସ୍ୱାଇଁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଗୋଷ୍ଠୀ ଶିକ୍ଷା ଅଧିକାରୀ ରବୀନ୍ଦ୍ର ସାହୁ ଯୋଗଦେଇ ଉଭୟ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କୁ ଏହି ପରିଦର୍ଶନ କାର୍ଯ୍ୟକ୍ରମର ଉପାଦେୟତା ସମ୍ପର୍କରେ ମନ୍ତବ୍ୟ ରଖିଥିଲେ। କାର୍ଯ୍ୟକ୍ରମକୁ ସିଆର୍‌ସିସି ଦୀନବନ୍ଧୁ ପୃଷ୍ଟି ପରିଚାଳନା କରିଥିଲେ।

# ଆଧ୍ୟାତ୍ମିକ ପରିବେଶରେ କମ୍ପିଲା ହାଇସ୍କୁଲ ପଡ଼ିଆ

## ୫ମ ବାର୍ଷିକ ଦଣ୍ଡ ମିଳନ ଉତ୍ସବ

ନିରାକାରପୁର,୧୦।୪
(ମାନସ ଚନ୍ଦ୍ର ପଟ୍ଟନାୟକ)



ନିରାକାରପୁର ପଞ୍ଚାୟତ କ୍ଷେତ୍ରବାସୀ ହାଇସ୍କୁଲ ପଡ଼ିଆରେ ତ୍ରୟୋଦଶ ଶମ୍ଭୁ ଦଣ୍ଡ ମିଳନ କମିଟି ପକ୍ଷରୁ ୫ମ ବାର୍ଷିକ ଦଣ୍ଡ ମିଳନ ଉତ୍ସବ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଉତ୍ସବରେ ବାବା ନୀଳକଣ୍ଠେଶର ଦେବ ଥାନପତି ଭାବେ ଆସୀନ ହୋଇଥିଲେ। ନିମନ୍ତ୍ରଣ ରକ୍ଷା କରି ଲେଣ୍ଡୋ- ଶ୍ରୀଚନ୍ଦନେଶ୍ୱର ଦେବ, ଅରାଞ୍ଚଳ- ଶ୍ରୀଗ୍ରାମେଶ୍ୱର ଦେବ, ବାଦୁରାବର-ଶ୍ରୀକୁମୁଦେଶ୍ୱର ଦେବ, ଆସେଲି- ଶ୍ରୀଚନ୍ଦନେଶ୍ୱର ଦେବ, ହଜ-ଶ୍ରୀନଟେଶ୍ୱର ଦେବ, କପିଳେଶରପୁର- ଶ୍ରୀକପିଳେଶର ଦେବ, ଶ୍ରୀମୁକୁନ୍ଦପୁର- ଶ୍ରୀଈଶାନେଶ୍ୱର ଦେବ, ସୋରଡ଼ପୁର- ଶ୍ରୀକପିଳେଶ୍ୱର ଦେବ, ଗୁଣ୍ଠୁଣି- ଶ୍ରୀକୃଷ୍ଣେଶ୍ୱର ଦେବ, ପାଣ୍ଡପାଟଣା- ଶ୍ରୀକପିଳେଶ୍ୱର ଦେବ, ବୋରମାବିଲି- ଶ୍ରୀନୀଳକଣ୍ଠେଶ୍ୱର ଦେବ ଆଦି ୧୩ ଶମ୍ଭୁ ମିଳନ ହୋଇଥିଲା। ଏହି ଅବସରରେ ଶ୍ରୀଜୀଉମାନେ ପ୍ରଥମେ ଶ୍ରୀନୀଳକଣ୍ଠେଶ୍ୱର ଦେବଙ୍କ ପୀଠରେ ଏକତ୍ରିତ ହୋଇ ଦଣ୍ଡ ଖେଳ ପ୍ରଦର୍ଶନ କରିଥିଲେ। ପରେ ସେଠାରୁ ସମସ୍ତ ଜୀଉ ନିଜ ନିଜ ଶୋଭାଯାତ୍ରାରେ ଆସି ହାଇସ୍କୁଲ ପଡ଼ିଆରେ ଦଣ୍ଡ ପରିବେଷଣ କରିଥିଲେ। ଏହି ଅବସରରେ ସ୍ଥାନୀୟ ଅଞ୍ଚଳର ହଜାର ହଜାର ସଂଖ୍ୟାରେ ଶୈବ ଭକ୍ତ ଏକତ୍ରିତ ହୋଇ ଶ୍ରୀଜୀଉଙ୍କ ଏହି ଦୁର୍ଲ୍ଲଭ ବେଶକୁ ଦର୍ଶନ କରିବା ସହ ଠାକୁରମାନେ ଯାଉଥିବା ରାସ୍ତାରେ ବିଭିନ୍ନ ପ୍ରକାର ଛୋଟି ପକାଇବା ସହିତ ନୂତନ ବସ୍ତ୍ର ରାସ୍ତା ସାରା ପକାଉଥିବା ଦେଖିବାକୁ ମିଳିଛି। ଅନୁଷ୍ଠାନର ସଭାପତି ରବୀନ୍ଦ୍ର ରାଉତରାୟ, ଉପଦେଷ୍ଟା ବିପିନ ଜୟସିଂ, ହୃଷୀକେଶ ରାଉତରାୟ, ବିପିନ ରାଉତରାୟ, କୋଷାଧ୍ୟକ୍ଷ କୈଳାସ ରାଉତରାୟ, ଭୁବନେଶ୍ୱର ଏମ୍‌ପି ପ୍ରାର୍ଥୀ ମନ୍ମଥ ରାଉତରାୟ, ପୂର୍ବତନ ବିଧାୟକ ଯତୀନ୍ଦ୍ର ନାଥ ମିଶ୍ର, ଖୋର୍ଦ୍ଧା ମ୍ୟୁନ୍‌ସିପାଲଟି ଚେୟାରମ୍ୟାନ କନକଲତା ମହାନ୍ତି, ସୁଧାଂଶୁ ବଡ଼ଜେନା ପ୍ରମୁଖ ଉପସ୍ଥିତ ଥିଲେ। ଡ. ସଞ୍ଜୟ ମହାପାତ୍ର, ଡ. ମୃତ୍ୟୁଞ୍ଜୟ ରଥ, ଡ. ପୂର୍ଣ୍ଣଚନ୍ଦ୍ର ଦାଶ, ଶ୍ୟାମ ସୁନ୍ଦର ପଟ୍ଟନାୟକ, କମଳ ଲୋଚନ ପ୍ରଧାନ, ଆର୍ତ୍ତତ୍ରାଣ ସାହୁ, ଅପର୍ତ୍ତୀ ଜେନା ପ୍ରମୁଖ ଉପସ୍ଥିତ ରହି ଧାରା ବିବରଣୀ ପ୍ରଦାନ କରିଥିଲେ। ନିରାକାରପୁର ଥାନା ଅଧିକାରୀ ବିଶ୍ୱଜିତ ରାଉତରାୟଙ୍କ ସମେତ ଥାନାର ସମସ୍ତ କର୍ମଚାରୀ ଶାନ୍ତି ଶୃଙ୍ଖଳା ରକ୍ଷା କରିଥିଲେ।

# ବିଭିନ୍ନ କ୍ଲଷ୍ଟରରେ ଆମ ଖେଳଣା ଆମ ସଂସ୍କୃତି କର୍ମଶାଳା



ଖୋର୍ଦ୍ଧା,୧୦।୪(ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ବ୍ଲକ ଅନ୍ତର୍ଗତ ବିଭିନ୍ନ ଆଞ୍ଚଳିକ ସାଧନ କେନ୍ଦ୍ର (ସିଆର୍‌ସିସି)ରେ ବୁଧବାର କ୍ଲଷ୍ଟରସ୍ତରୀୟ ଦୁଇଦିନିଆ ଖେଳଣା ପ୍ରସ୍ତୁତି କର୍ମଶାଳା 'ଆମ ସଂସ୍କୃତି ଆମ ଖେଳଣା' ଅନୁଷ୍ଠିତ ହୋଇଯାଇଛି। ଏହି କର୍ମଶାଳାରେ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ମାଟିରେ ମୂର୍ତ୍ତି ଓ କଣ୍ଢେଇ ତିଆରି, ହସ୍ତଶିଳ୍ପ ପ୍ରଶିକ୍ଷଣ ପ୍ରଦାନ କରାଯାଇଛି। ଜାଗୁଲେଇପାଟଣା କ୍ଲଷ୍ଟରସ୍ତରୀୟ କର୍ମଶାଳା ତରତୁଆ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଥିଲା। ପ୍ରଧାନ ଶିକ୍ଷକ ହେମନ୍ତ କୁମାର ସାହୁ ସଭାପତିତ୍ୱ ଏବଂ ସିଆର୍‌ସିସି ଅମିୟ କୁମାର ପରିଡ଼ା ସଂଯୋଜନା କରିଥିଲେ। ଏହି କାର୍ଯ୍ୟକ୍ରମରେ ୧୧ଟି ବିଦ୍ୟାଳୟର ୩୦ ଜଣ ଶିକ୍ଷୟିତ୍ରୀ ଶିକ୍ଷକ ଯୋଗଦେଇଥିଲେ। କୁରାଡ଼ମଲ୍ଲ ସିଆର୍‌ସିସି ସ୍ତରୀୟ କର୍ମଶାଳା ସରକାରୀ ଆଶ୍ରମ ବିଦ୍ୟାଳୟ, ଶିଆଳିଆର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ନିରୁପମା ଜେନା ଏବଂ ସିଆର୍‌ସିସି ଧ୍ରୁବଚରଣ ରଣା ସଂଯୋଜନା କରିଥିଲେ। କାର୍ଯ୍ୟକ୍ରମରେ ୧୦ଟି ବିଦ୍ୟାଳୟରୁ ପ୍ରାୟ ୩୦ ଶିକ୍ଷୟିତ୍ରୀ ଶିକ୍ଷକ ଯୋଗଦେଇଥିଲେ। ବରିଷ୍ଠ ଶିକ୍ଷକ ପ୍ରସନ୍ନ କୁମାର ମହାପାତ୍ର ଏହାକୁ ପରିଚାଳନା କରିଥିଲେ। ଖୋର୍ଦ୍ଧା ପୌରାଞ୍ଚଳ ଫରେଷ୍ଟ କଲୋନୀ କ୍ଲଷ୍ଟର ଅନ୍ତର୍ଗତ ସାମନ୍ତରାପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ବିଭୁ ପ୍ରସାଦ ହରିଚନ୍ଦନ ଓ ମୁଖ୍ୟ ଅତିଥି ସହକାରୀ ଗୋଷ୍ଠୀ ଶିକ୍ଷାଧିକାରୀ କୃଷ୍ଣଚନ୍ଦ୍ର ବେହେରା କର୍ମଶାଳାକୁ ଉଦ୍‌ଘାଟନ କରିଥିଲେ। ଏଥିରେ ୩୦ଜଣ ପ୍ରଶିକ୍ଷାର୍ଥୀ ଭାଗ ନେଇଥିଲେ। ସିଆର୍‌ସିସି ରବିନାରାୟଣ ପଣ୍ଡା ସଂଯୋଜନା କରିଥିଲେ। ଶିକ୍ଷୟିତ୍ରୀ ନମିତାରାଣୀ ରାୟସାମନ୍ତ ଧନ୍ୟବାଦ ଦେଇଥିଲେ। ଟାଙ୍ଗିଆପଡ଼ା ସରକାରୀ ଆଶ୍ରମ ବିଦ୍ୟାଳୟରେ ମୁକ୍ତାପୁର କ୍ଲଷ୍ଟରସ୍ତରୀୟ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷୟିତ୍ରୀ ସ୍ନେହଲତା ପ୍ରଧାନ ଓ ସିଆର୍‌ସିସି ପୂର୍ଣ୍ଣଲକ୍ଷ୍ମୀ ମହାରଣା ଏହାକୁ ସଂଯୋଜନା କରିଥିଲେ। ବଘେଇଟାଙ୍ଗୀ କ୍ଲଷ୍ଟରସ୍ତରୀୟ କର୍ମଶାଳା ବଘେଇଟାଙ୍ଗୀ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ଅଶୋକ ଦାସ, ସିଆର୍‌ସିସି ବିକାଶ ମୁଦୁଲି ସଂଯୋଜନା କରିଥିଲେ। କେରଙ୍ଗ ଓ ହଳଦିଆ କ୍ଲଷ୍ଟର ଅନ୍ତର୍ଗତ ବିଦ୍ୟାଳୟର ଶିକ୍ଷୟିତ୍ରୀ ଶିକ୍ଷକ ଯୋଗଦେଇଥିଲେ। ଉଦ୍‌ଯାପନୀ ଦିବସରେ ସ୍କୁଲ ପରିଚାଳନା କମିଟି ସଭାପତି ସୁଶାନ୍ତ ରାଉତ ଯୋଗଦେଇ ଉତ୍ସାହିତ କରିଥିଲେ।

# ଛିନ୍‌ତାଇ, ଲୁଟ୍ ମାମଲାରେ ୨ ଗିରଫ

ଜଟଣୀ,୧୦।୪(ରବୀନ୍ଦ୍ରନାଥ ମହାକୁଡ଼)

ଛିନ୍‌ତାଇ ଏବଂ ଲୁଟ୍ ମାମଲାରେ ଜଟଣୀ ପୋଲିସ ୨ ଅଭିଯୁକ୍ତଙ୍କୁ ଗିରଫ କରି ବୁଧବାର କୋର୍ଟଚାଲାଣ କରିଛି। ସେମାନେ ହେଲେ ଜଟଣୀ ଥାନା ଅଧୀନ ବୁଢ଼ାପଡ଼ା ଗ୍ରାମର ବୃନ୍ଦାବନ ସାହୁ ଓରଫ ଟିକୁ(୨୫) ଏବଂ ସେହି ବୁଢ଼ାପଡ଼ା ପ୍ରଧାନସାହିର ଖଗେଶ୍ୱର ପ୍ରଧାନ ଓରଫ ଜଗା(୨୩)। ପୋଲିସ ସେମାନଙ୍କଠାରୁ ୫ଟି ମୋବାଇଲ ଏବଂ ଗୋଟିଏ ବାଇକ୍ ଜବତ କରିଛି। ଏନେଇ ୧୫୩/୨୪ରେ ଏକ ମାମଲା ରୁଜୁକରି ଅଧିକ ତଦନ୍ତ ଚଳାଇଛି। ସୂଚନା ମୁତାବକ, ଗତ ୮ ତାରିଖରେ ଅଭିଯୋଗକାରୀ ଜି. ହୃଷୀ ରାଓଙ୍କ ଭଉଣୀ ନିଜ କର୍ମକ୍ଷେତ୍ରରୁ କାର୍ଯ୍ୟ ସାରି ଘରକୁ ଫେରୁଥିଲାବେଳେ ବୃନ୍ଦାବନ ଓ ଖଗେଶ୍ୱର ଏକ ବାଇକ୍‌ରେ ଆସି ତାଙ୍କଠାରୁ ମୋବାଇଲ ଛଡ଼ାଇ ନେଇଥିଲେ। ଏନେଇ ଥାନାରେ ଅଭିଯୋଗ ହେବା ପରେ ପୋଲିସ ଅଭିଯୁକ୍ତଦ୍ୱୟଙ୍କୁ କାବୁ କରିବାରେ ସଫଳ ହୋଇଛି। ଅଧିକ ପଚରାଉଚରା ବେଳେ ଅଭିଯୁକ୍ତଦ୍ୱୟ ନିଜ ଦୋଷ ସ୍ୱୀକାର କରିଥିଲେ। ଅଭିଯୁକ୍ତ ବୃନ୍ଦାବନଙ୍କ ନାମରେ ପୂର୍ବରୁ ଜଟଣୀ ଥାନାରେ ୩ଟି ମାମଲା ରହିଥିଲାବେଳେ ଖଗେଶ୍ୱରଙ୍କ ନାମରେ ୨ଟି ମାମଲା ରହିଛି।

# ମା' ଅଁଳାଇ ଦେବୀଙ୍କ ଦଣ୍ଡଯାତ୍ରା ଆରମ୍ଭ



ଖୋର୍ଦ୍ଧା,୧୦।୪ (ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ବ୍ଲକ ଟାଙ୍ଗିଆପଡା ପଞ୍ଚାୟତ ଅନ୍ତର୍ଗତ ଉଇଲକିଶନ ନଗର(ସାହେବ ନୂଆଗାଁ)ର ଆରାଧ୍ୟ ଦେବୀ ମା' ଅଁଳାଇ ଦେବୀଙ୍କ ପ୍ରସିଦ୍ଧ ଦଣ୍ଡଯାତ୍ରା ବା ଝାମୁଯାତ୍ରା ବୁଧବାରଠାରୁ ଆରମ୍ଭ ହୋଇଛି। କାହିଁ କେଉଁ କାଳରୁ ମା' ଅଁଳାଇ ଦେବୀ ଲକ୍ଷ୍ମୀଙ୍କ ରୂପରେ ପୂଜା ପାଉଛନ୍ତି। ବର୍ଷ ସାରା ବିଭିନ୍ନ ପର୍ବ ପାଳନ ହେଉଥିଲେ ମଧ ଚୈତ୍ର ମାସରେ ଅନୁଷ୍ଠିତ ଦଣ୍ଡଯାତ୍ରା ବା ଝାମୁଯାତ୍ରା ସବୁଠୁ ନିଆରା। ଏହା ୫ଦିନ ଧରି ଚାଲେ।

ମାନସିକ ବ୍ରତଧାରୀ ଏହି ଦଣ୍ଡଯାତ୍ରାରେ ସାମିଲ ହୋଇ ଉପବାସ କରିଛନ୍ତି। ନିଶାର୍ଦ୍ଧରେ ମା'ଙ୍କ ଆଜ୍ଞାମାଳ ପାଇ ଘଟ ପୂଜାର୍ଚ୍ଚନା କରି କାମନା ଗୃହ କୋଠିରୁ ବାହାରକୁ ଅଣାଯାଇଥିଲା। ପରେ ରାତିରେ ଘଟ ଧରି ମାନସିକ ବ୍ରତଧାରୀ ଗ୍ରାମ୍ୟ ପୁଷ୍କରିଣୀକୁ ଯାଇ ପୂଜାର୍ଚ୍ଚନା ସହିତ ମା'ଙ୍କ ଉପବାସ ବା ବ୍ରତ ଧାରଣ କରିଥିଲେ। ବୁଧବାର ମଧ୍ୟାହ୍ନରେ ମାନସିକଧାରୀ ଗ୍ରାମ୍ୟ ପୁଷ୍କରିଣୀରେ ସ୍ନାନ କରି ଗ୍ରାମ ପରିକ୍ରମା ସହିତ ସମସ୍ତ ଠାକୁର ଓ ଠାକୁରାଣୀଙ୍କୁ ଆବାହନ କରିଥିଲେ। ଏହି ଅବସରରେ ମା'ଙ୍କ ପାଖରେ ଯାଚଙ୍ଗା କରିଥିବା ଓ ମାନସିକ କରିଥିବା ଭକ୍ତଙ୍କ ଦୁଆରେ ପଣା ପାଣି ସେବନ କରିବେ। ସେହିପରି ୧୩ ତାରିଖରେ ମେରୁ ପର୍ବ ଓ ୧୪ରେ ଝାମୁଯାତ୍ରା ହେବ। ଝାମୁଯାତ୍ରା ଦିନ ଗ୍ରାମବାସୀଙ୍କ ସହଯୋଗରେ ବିଭିନ୍ନ ପ୍ରକାର ବାଣଫୁଟା ସହିତ ଘଣ୍ଟଘଣ୍ଟା, ଢୋଲ ଓ ଘୋଡ଼ା ନୃତ୍ୟ, ପାରମ୍ପରିକ ନୃତ୍ୟ ପରିବେଷଣ କରାଯିବ। ମା'ଙ୍କ ମେରୁ ପର୍ବତ ଓ ଝାମୁ ଯାତ୍ରାରେ ଆଖପାଖ ଖୋର୍ଦ୍ଧା, ଗୁରୁଜଙ୍ଗ, ଟାଙ୍ଗିଆପଡା, ନିଆଳ, କୁମାର ବସ୍ତ, ଅରାଙ୍ଗ, ମହୁଲ, ମଧୁପୁର, କେରଙ୍ଗ, ପାଇକତିଗିରିଆ, ମାଜଣା, ଅଙ୍ଗାରପଡା, ମକୁନ୍ଦ ପ୍ରସାଦ ସହିତ ଅନ୍ୟ ଗ୍ରାମରୁ ମଧ ଲୋକେ ଆସନ୍ତି। ସଂକ୍ରାନ୍ତି ଦିନ ଅପରାହ୍ନ ୨ଟାରୁ ମାନସିକଧାରୀ ଘଟକୁ ଧରି ତିନିଥର ଗ୍ରାମ୍ୟ ପରିକ୍ରମା ପରେ ସନ୍ଧ୍ୟା ୬ଟାରେ ପାଟଭୁକ୍ତା, ମାନସିକଧାରୀ, କାଳିସୀ ମା'ଙ୍କୁ ଆରାଧନା କରି ଅଗ୍ନି ପରୀକ୍ଷା ଦେବେ। ପରେ ସେଠାରେ ଗ୍ରାମବାସୀଙ୍କ ପକ୍ଷରୁ ହୋଇଥିବା ପଣାକୁ ଉପସ୍ଥିତ ହଜାର ହଜାର ଲୋକଙ୍କୁ ବଣ୍ଟନ କରାଯିବ। ଦୀର୍ଘ ୫୦ ବର୍ଷରୁ ଊର୍ଦ୍ଧ୍ୱ ହେବ ଏହି ପର୍ବ ପାଳନ ହୋଇଆସୁଛି। ଗ୍ରାମବାସୀଙ୍କ ସହଯୋଗରେ ଶୃଙ୍ଖଳା ସହିତ ସମସ୍ତ କାର୍ଯ୍ୟ ସମ୍ପନ୍ନ ହୋଇଥାଏ ବୋଲି ଗ୍ରାମ ସଭାପତି ପୂର୍ଣ୍ଣଚନ୍ଦ୍ର ସାହୁ ଓ ସମ୍ପାଦକ ସନାତନ ବିଶ୍ୱାଳ କହିଛନ୍ତି।

# ୮୪୦ କେଜି ଭାଙ୍ଗ ଜବତ, ୨ଗିରଫ



ଜବତ ଭାଙ୍ଗ ସହ ଗିରଫ ଅଭିଯୁକ୍ତମାନେ।

ଖୋର୍ଦ୍ଧା,୧୦।୪ (ପ୍ରଭାତ ପାଣିଗ୍ରାହୀ)

ନିଶା କାରବାର ନେଇ ପୋଲିସ ଏବଂ ଅବକାରୀ ବିଭାଗ ପକ୍ଷରୁ ଧରପଗଡ଼ ଚାଲିଛି। ବୁଧବାର ଖୋର୍ଦ୍ଧା ମେଡିକାଲ ଛକ ନିକଟରେ ଅବକାରୀ ପୋଲିସ ଚଢାଉ କରି ୨୮ ବସ୍ତା ଭାଙ୍ଗ ସମେତ ବୋଲେରୋ ଭ୍ୟାନ୍‌କୁ ଜବତ କରିଛି। ଏହି ଘଟଣାରେ ନୟାଗଡ଼ ଜିଲା ଓଡ଼ଗାଁ ଥାନା ଅନ୍ତର୍ଗତ ରଗଡିମାଳର ସନ୍ତୋଷ ପାତ୍ର ଓ କନ୍ଧମାଳ ଜିଲା ରାଇକିଆ ଥାନା ରାଇକିଆ ଗ୍ରାମର ମାଧବ ଦିଗଲଙ୍କୁ ଗିରଫ କରାଯାଇଛି। ଜବତ ଭାଙ୍ଗର ଓଜନ ୮ କୁଇଣ୍ଟାଲ ୪୦ କେଜି ଥିବାବେଳେ ଏହାର ମୂଲ୍ୟ ୮ ଲକ୍ଷ ୪୦ ହଜାର ଟଙ୍କା ହେବ ବୋଲି ଅବକାରୀ ବିଭାଗ ଆକଳନ କରିଛି।

ସୂଚନା ଅନୁଯାୟୀ, ନୟାଗଡ଼ ପଟୁ ଏକ ବେଆଇନ ଭାଙ୍ଗ ବୋଝେଇ ଗାଡ଼ି ଆସୁଥିବା ବିଶେଷ ସୂତ୍ରରୁ ଅବକାରୀ ବିଭାଗ ଖବର ପାଇଥିଲା। ଗାଡ଼ିକୁ ଧରିବା ଲାଗି ଅବକାରୀ ସୁପରିଣ୍ଟେଣ୍ଡେଣ୍ଟ ସୁମତି ତ୍ରିପାଠୀଙ୍କ ନିର୍ଦ୍ଦେଶ କ୍ରମେ ଅବକାରୀ ଇନ୍ସପେକ୍ଟର ସନ୍ତୋଷ ସାହୁଙ୍କ ନେତୃତ୍ୱରେ ଜିଲା ଅବକାରୀ ମୋବାଇଲ ୟୁନିଟ ଓ ଖୋର୍ଦ୍ଧା ଅବକାରୀ ବିଭାଗ ଟିମ୍ ମେଡିକାଲ ଛକଠାରେ ଗୋଟିଏ ବୋଲେରୋ (ଓଡ଼ି-୦୫-ଏଭି-୭୫୮୪)କୁ ଅଟକାଇ ଯାଞ୍ଚ କରିଥିଲେ। ସେଥିରୁ ୨୮ ବସ୍ତା ଭାଙ୍ଗ ମିଳିଥିଲା। ଭାଙ୍ଗ ଜବତ ସହ ୨ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରାଯାଇଛି। ଏନେଇ ୪/୨୪ରେ ଏକ ମାମଲା ରୁଜୁ ହୋଇଛି।

# ପ୍ରକଳ୍ପର ନାମ ସଂଶୋଧନ ବିନା କାର୍ଯ୍ୟ ଆରମ୍ଭ

## ଉଚ୍ଚ ନ୍ୟାୟାଳୟରେ ଜନସ୍ୱାର୍ଥ ମାମଲା ରୁଜୁ

ବେଗୁନିଆ,୧୦।୪(ସନ୍ଧ୍ୟାରାଣୀ ମିଶ୍ର)

ବେଗୁନିଆ ବ୍ଲକ ରାଧାକାନ୍ତପୁର ପଞ୍ଚାୟତ ଅନ୍ତର୍ଗତ ସୁଆଁଳ ଗ୍ରାମରେ ଏକ ପ୍ରକଳ୍ପର ନାମ ସଂଶୋଧନ ନ କରି ଭୁଲ ଫଳକ ଲଗାଯାଇ ପ୍ରଶାସନ ତରଫରୁ ତରବରିଆ ଭାବେ କାର୍ଯ୍ୟ ଆରମ୍ଭ କରାଯିବା ନେଇ ସାଧାରଣରେ ଅସନ୍ତୋଷ ଦେଖାଦେଇଛି। ଏହାକୁ ନେଇ ବୁଧବାର ଉଚ୍ଚ ନ୍ୟାୟାଳୟରେ ଏକ ଜନସ୍ୱାର୍ଥ ମାମଲା ଦାଏର ହୋଇଛି।

ସୂଚନା ଅନୁଯାୟୀ, ସୁଆଁଳ ଗ୍ରାମର ଶ୍ରୀଲୋକେଶ୍ୱର ଦେବ ମନ୍ଦିର କଂକ୍ରିଟ ରାସ୍ତା ନିର୍ମାଣ ପାଇଁ ୨ଲକ୍ଷ ୫୦ ହଜାର ଟଙ୍କା ମଞ୍ଜୁର ହୋଇଛି। ତେବେ ପ୍ରକଳ୍ପର ନାମ ଭୁଲବଶତଃ ଶ୍ରୀଲୋକେଶ୍ୱର ଦେବ ପରିବର୍ତ୍ତେ ଶ୍ରୀନୀଳକଣ୍ଠେଶ୍ୱର ନାମରେ ଅନୁମୋଦନ ଲାଭ କରି ବ୍ଲକ କାର୍ଯ୍ୟାଳୟକୁ ଆସିଥିଲା। ଏହା ଜାଣିବା ପରେ ଗ୍ରାମବାସୀ ବ୍ଲକ କାର୍ଯ୍ୟାଳୟ କର୍ତ୍ତୃପକ୍ଷଙ୍କୁ ଏହି ଭୁଲ ସଂକ୍ରାନ୍ତରେ ଅବଗତ କରାଇଥିଲେ। କିନ୍ତୁ କର୍ତ୍ତୃପକ୍ଷ ଗ୍ରାମବାସୀଙ୍କ କଥାକୁ ଅଣଦେଖା କରି ତରବରିଆ ଭାବେ ସୂଚନାଫଳକ ଲଗାଇ କାର୍ଯ୍ୟ ଆରମ୍ଭ କରିଦେଇଥିଲେ। ଏହାର ପ୍ରତିବାଦ କରି ଗ୍ରାମବାସୀ ପ୍ରକଳ୍ପର ନାମ ସଂଶୋଧନ ନିମନ୍ତେ ବେଗୁନିଆ ବିଡିଓ ଏବଂ ଖୋର୍ଦ୍ଧା ଜିଲାପାଳଙ୍କୁ ଲିଖିତ ଅଭିଯୋଗ କରିଥିଲେ। ସୂଚନାଫଳକରେ ପ୍ରକଳ୍ପ ନାମକୁ ସଂଶୋଧନ ନକରି କାର୍ଯ୍ୟ କରାଯାଉଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଏହି ପ୍ରକଳ୍ପର ନାମ ସଂଶୋଧନ କରି ଶ୍ରୀଲୋକେଶ୍ୱର ଦେବ ମନ୍ଦିର ଉଲ୍ଲେଖ କରିବା ପାଇଁ ରାଜ୍ୟ ନିର୍ବାଚନ କମିଶନର, ମୁଖ୍ୟ ଶାସନ ସଚିବ, ଖୋର୍ଦ୍ଧା ଜିଲାପାଳ ଏବଂ ବେଗୁନିଆ ବିଡିଓଙ୍କୁ ଆଇନଜୀବୀ ପ୍ରଦୀପ୍ତ କୁମାର ମଙ୍ଗରାଜ, ହରେକୃଷ୍ଣ ସୁନ୍ଦରା ଓ ଶତ୍ରୁଘ୍ନ ବାଘଙ୍କ ସମେତ ଗ୍ରାମବାସୀ ଅଭିଯୋଗ କରିଥିଲେ। ତେବେ ଅଦ୍ୟାବଧି କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାନଯିବାରୁ ଆଇନଜୀବୀ ମଙ୍ଗରାଜ ବୁଧବାର ଇ-ଫାଇଲିଂ ମାଧ୍ୟମରେ ଉଚ୍ଚ ନ୍ୟାୟାଳୟରେ ଏକ ଜନସ୍ୱାର୍ଥ ମାମଲା ଦାଏର କରିଥିବା କହିଛନ୍ତି।

# କିଣ୍ଡେର ହାଭେନ ଡେ କେୟାର ସେଣ୍ଟର ଉଦ୍‌ଘାଟିତ

ଜଟଣୀ,୧୦।୪(ରବୀନ୍ଦ୍ରନାଥ ମହାକୁଡ଼)

ପୂର୍ବତଟ ରେଲ୍‌ୱେ ମହିଳା କଲ୍ୟାଣ ସଂଗଠନ, ଖୋର୍ଦ୍ଧା ରୋଡ଼ ପକ୍ଷରୁ କିଣ୍ଡେର ହାଭେନ ଡେ କେୟାର ସେଣ୍ଟର (ଶିଶୁ ଯତ୍ନ କେନ୍ଦ୍ର) ବୁଧବାର ଉଦ୍‌ଘାଟିତ ହୋଇଯାଇଛି। ଖୋର୍ଦ୍ଧା ରୋଡ଼ ମଣ୍ଡଳ ରେଲ୍‌ୱେ କର୍ମଚାରୀଙ୍କ କଲ୍ୟାଣ ପାଇଁ ଉକ୍ତ କେନ୍ଦ୍ରର ପରିକଳ୍ପନା କରାଯାଇଛି। ରେଲ୍‌ୱେ କର୍ମଚାରୀଙ୍କ ଅଫିସ ସମୟରେ କର୍ମଚାରୀ ସେମାନଙ୍କ ପିଲାଙ୍କ ଯତ୍ନ ନେବାକୁ ମଣ୍ଡଳ ରେଳ ପ୍ରବନ୍ଧକ କାର୍ଯ୍ୟାଳୟରେ ଏହି କେନ୍ଦ୍ର ଖୋଲାଯାଇଛି। ଏହି କେନ୍ଦ୍ରକୁ ପୂର୍ବତଟ ରେଲ୍‌ୱେ ମହିଳା କଲ୍ୟାଣ ସଂଗଠନ ଖୋର୍ଦ୍ଧା ରୋଡ଼ର ସଭାନେତ୍ରୀ ଗୁର୍ ସିମ୍ରନ କୌର ଏବଂ ଖୋର୍ଦ୍ଧା ରୋଡ ମଣ୍ଡଳ ରେଳ ପ୍ରବନ୍ଧକ ଏଚ୍ ଏସ୍ ବାଜା ଉଦ୍‌ଘାଟନ କରିଥିଲେ। ଏହି କେନ୍ଦ୍ରରେ ୬ ମାସରୁ ୬ ବର୍ଷ ପର୍ଯ୍ୟନ୍ତ ପିଲାଙ୍କ ଯତ୍ନ ନିଆଯିବାର ବ୍ୟବସ୍ଥା କରାଯାଇଛି। ଏହି କେନ୍ଦ୍ରରେ, ଅଫିସ ସମୟ ଅର୍ଥାତ୍ ସକାଳ ୯ଟା ୩୦ଠାରୁ ସନ୍ଧ୍ୟା ୬ଟା ୩୦ ପର୍ଯ୍ୟନ୍ତ ରେଲ୍‌ୱେ କର୍ମଚାରୀ ବିନା ଶୁଳ୍କରେ ନିଜ ପିଲାଙ୍କ ଆବଶ୍ୟକତା ଅନୁଯାୟୀ, ଏହି ଦିନ କେୟାର ସେଣ୍ଟରରେ ଖେଳିବା, ଶୋଇବା, ଖୁଆଇବା ଏବଂ ଶିକ୍ଷା ପାଇଁ ବିଭିନ୍ନ ସୁବିଧା ଯୋଗାଇ ଦିଆଯିବ। ସେମାନଙ୍କ ରହିବା ସମୟରେ ପିଲାଙ୍କ ଉପଯୁକ୍ତ ଯତ୍ନ ନେବାକୁ କେୟାର ଟେକର ରୋଖାଯାଇଛି। ଏହି କେନ୍ଦ୍ର ଉଦ୍‌ଘାଟନ ସମୟରେ ଅନ୍ୟମାନଙ୍କ ମଧ୍ୟରେ ଅତିଥି ରୂପେ ଅତିରିକ୍ତ ମଣ୍ଡଳ ରେଳ ପ୍ରବନ୍ଧକ କଲ୍ୟାଣ ପଟ୍ଟନାୟକ, ଅତିରିକ୍ତ ମଣ୍ଡଳ ରେଳ ପ୍ରବନ୍ଧକ ଶୁଭ୍ରଜ୍ୟୋତି ମଣ୍ଡଳ, ଶାଖା ଅଧିକାରୀ ଏବଂ ମହିଳା କଲ୍ୟାଣ ସଂଗଠନର ଅନ୍ୟ ସଦସ୍ୟ ଉପସ୍ଥିତ ଥିଲେ।



କିଣ୍ଡେର ହାଭେନ ଡେ କେୟାର ସେଣ୍ଟର ଉଦ୍‌ଘାଟନ ଅବସରରେ ଅତିଥିଙ୍କ ସହ ପିଲାମାନେ।

# ଖୋର୍ଦ୍ଧା ପଣ୍ୟାଗାରରୁ ଇଭିଏମ୍, ଭିଭିପିଏଟି ସ୍ଥାନାନ୍ତର

ଖୋର୍ଦ୍ଧା,୧୦।୪(ପ୍ରଭାତ ପାଣିଗ୍ରାହୀ)

୨୦୨୪ ସାଧାରଣ ନିର୍ବାଚନ ପାଇଁ ଖୋର୍ଦ୍ଧା ଜିଲା ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ନିର୍ବାଚନକୁ ଶୃଙ୍ଖଳିତ, ସ୍ୱଚ୍ଛ, ଅବାଧ ଓ ନିରପେକ୍ଷ କରାଯିବା ଉପରେ ଗୁରୁତ୍ୱ ଦିଆଯାଇଛି। ଭୁବନେଶ୍ୱର ଲୋକ ସଭା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ୭ ବିଧାନସଭା ଆସନ ଖୋର୍ଦ୍ଧା, ବେଗୁନିଆ, ଜଟଣୀ, ଭୁବନେଶ୍ୱର-ଏକାମ୍ର, ମଧ୍ୟ, ଉତ୍ତର, ଜୟଦେବ ଏବଂ ପୁରୀ ଲୋକ ସଭା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ଚିଲିକା ବିଧାନସଭା ଆସନ ପାଇଁ ବୁଧବାର ଖୋର୍ଦ୍ଧା ୱେର ହାଉସ୍ (ପଣ୍ୟାଗାର)ରୁ ଇଭିଏମ୍ ଓ ଭିଭିପିଏଟି ନିର୍ଦ୍ଧାରିତ ଷ୍ଟ୍ରଙ୍ଗରୁମ୍‌କୁ କଡ଼ା ସୁରକ୍ଷା ମଧ୍ୟରେ ସ୍ଥାନାନ୍ତର କରାଯାଇଛି। ଖୋର୍ଦ୍ଧା ଓ ବେଗୁନିଆ ପାଇଁ ଖୋର୍ଦ୍ଧା ଗୋଦାମ ଗୃହ, ଚିଲିକା ଲାଗି ପ୍ରାଣନାଥ ସ୍ୱୟଂଶାସିତ ମହାବିଦ୍ୟାଳୟ ଓ ଜଟଣୀ, ଜୟଦେବ ସମେତ ଭୁବନେଶ୍ୱରର ୩ ମୋଟ ୫ ନିର୍ବାଚନମଣ୍ଡଳୀ ପାଇଁ ଆବଶ୍ୟକ ଇଭିଏମ୍, ଭିଭିପିଏଟି ସହିତ ଅତିରିକ୍ତ ୨୫ ପ୍ରତିଶତ ମେଶିନ ବିଜେବି ସ୍ୱୟଂଶାସିତ ମହାବିଦ୍ୟାଳୟକୁ ପଠାଯାଇଛି।



ଖୋର୍ଦ୍ଧା ପଣ୍ୟାଗାରରୁ ଇଭିଏମ୍, ଭିଭିପିଏଟିଗୁଡ଼ିକୁ ସ୍ଥାନାନ୍ତର କରାଯାଉଛି।

ଜିଲା ପ୍ରଶାସନର ସୂଚନା ଅନୁଯାୟୀ, ପ୍ରଥମ ପର୍ଯ୍ୟାୟ ରାଣ୍ଡୋମାଇଜେଶନ ପରେ ଏହି ଇଭିଏମ୍, ଭିଭିପିଏଟିକୁ ରିଟର୍ଣ୍ଣିଂ ଅଫିସରଙ୍କ ଉପସ୍ଥିତିରେ ସ୍ଥାନାନ୍ତରିତ କରାଯାଇଛି। ଷ୍ଟ୍ରଙ୍ଗରୁମ୍ ସିସିଟିଭି ସର୍ଭେଲାନ୍ସ ଏବଂ ୨୪ଘଣ୍ଟିଆ ପୋଲିସ ସୁରକ୍ଷା ବଳୟ ମଧ୍ୟରେ ରହିଛି। ବୁଧବାରଠାରୁ ଭୋଟ ଗଣତି ଯାଏ ସବୁ ଦିନ ଭିଡିଓ ରେକର୍ଡିଂ କରାଯିବ, ଯାହାକି ଆସନ୍ତା ୩ରୁ ୪ ମାସ ପର୍ଯ୍ୟନ୍ତ ଏହି ରେକର୍ଡିଂ ରହିବ। ଷ୍ଟ୍ରଙ୍ଗରୁମ୍‌ଗୁଡ଼ିକରେ ଡବଲ ଲକ ପଡ଼ିବ। ଆବଶ୍ୟକତା ଅନୁଯାୟୀ ଅତିରିକ୍ତ ୨୫ ପ୍ରତିଶତ ଇଭିଏମ୍ ଏବଂ ଭିଭିପିଏଟି ମେଶିନ ମହଜୁଦ ଥିବା ଜିଲାପାଳ ଚଞ୍ଚଳ ରାଣା ସୂଚନା ଦେଇଛନ୍ତି। ଜିଲାପାଳ କହିଲେ ଯେ, ଖୋର୍ଦ୍ଧା ଜିଲାରେ ୬ଷ୍ଠ ପର୍ଯ୍ୟାୟ ନିର୍ବାଚନ ମେ ୨୫ ତାରିଖରେ ହେବ। ଜିଲାରେ ୧୯୦୭ ବୁଥ୍ ଥିବାବେଳେ ଜୟଦେବ, ଭୁବନେଶ୍ୱର ମଧ୍ୟ, ଏକାମ୍ର, ଉତ୍ତର, ଜଟଣୀ ନିର୍ବାଚନ ମଣ୍ଡଳୀ ପାଇଁ ୧୧୬୬ ମତଦାନ କେନ୍ଦ୍ର ରହିଛି। ସହରାଞ୍ଚଳରେ ୬୫୮ ଓ ଗ୍ରାମାଞ୍ଚଳରେ ୫୦୮ ବୁଥ୍ ହୋଇଛି। ଇଭିଏମ୍ ଓ ଭିଭିପିଏଟି କଡା ସୁରକ୍ଷାରେ ରଖାଯାଇଛି। ୫ଟି ଫ୍ଲୋରରେ ପ୍ରତ୍ୟେକ ନିର୍ବାଚନ ମଣ୍ଡଳୀ ପାଇଁ ୨ଟି ଲେଖାଏ ଷ୍ଟ୍ରଙ୍ଗରୁମ୍ ବ୍ୟବସ୍ଥା କରାଯାଇଛି। ବିଭିନ୍ନ ରାଜନୈତିକ ଦଳର ପ୍ରତିନିଧିମାନେ ଏହି ଷ୍ଟ୍ରଙ୍ଗରୁମ୍

## ୨୪ ଘଣ୍ଟିଆ ସୁରକ୍ଷା, ସିସିଟିଭି ସର୍ଭେଲାନ୍ସରେ ଷ୍ଟ୍ରଙ୍ଗରୁମ୍

ନିକଟରେ ୨୪ ଘଣ୍ଟା ଉପସ୍ଥିତ ରହିବା ପାଇଁ ମଧ ବ୍ୟବସ୍ଥା ହୋଇଛି। ଏହି ମେଶିନ ସ୍ଥାନାନ୍ତର ବେଳେ ୧୧୧- ଜୟଦେବ ରିଟର୍ଣ୍ଣିଂ ଅଫିସର ଭୁବନେଶ୍ୱର ଆଡିଶନାଲ ଉପଜିଲାପାଳ ନୀତିଶ ତ୍ରିପାଠୀ, ୧୧୨- ଭୁବନେଶ୍ୱର ମଧ୍ୟ ରିଟର୍ଣ୍ଣିଂ ଅଫିସର ଅତିରିକ୍ତ ଜିଲାପାଳ (ପ୍ରଶାସନ) ପ୍ରତାପ ଚନ୍ଦ୍ର ବେଉରା, ୧୧୩- ଭୁବନେଶ୍ୱର (ଉତ୍ତର) ଓ ୧୧୪-ଏକାମ୍ର ପାଇଁ ଭୁବନେଶ୍ୱର ଉପଜିଲାପାଳ ଚିନ୍ମୟ କୁମାର ଆଚାର୍ଯ୍ୟ, ୧୧୫- ଜଟଣୀ ଲାଗି ଅତିରିକ୍ତ ଜିଲାପାଳ ରୁଦ୍ରନାରାୟଣ ମହାନ୍ତି, ୧୧୬- ବେଗୁନିଆ ସକାଶେ ଜିଲାପରିଷଦ ମୁଖ୍ୟ ନିର୍ବାହୀ ଅଧିକାରୀ ବାଦଲ ମହାନ୍ତି, ୧୧୭- ଖୋର୍ଦ୍ଧା ଉପଜିଲାପାଳ ଦୀପ୍ତିରଞ୍ଜନ ସେଠୀ, ୧୧୮- ଚିଲିକା ପାଇଁ ଅତିରିକ୍ତ ଜିଲାପାଳ (ରାଜସ୍ୱ) ସାଫଲ୍ୟ ମଣ୍ଡିତ ପ୍ରଧାନଙ୍କ ସମେତ ସମସ୍ତ ବିଡିଓ, ତହସିଲଦାର, ଅତିରିକ୍ତ ଏସ୍‌ପି ଶ୍ରୀନିବାସ ମହାନ୍ତି, ଆର୍‌ଟିଓ-୧ ବିକାଶ ଚୌଧୁରୀ ଏବଂ ଅନ୍ୟ ଦାୟିତ୍ୱରେ ଥିବା ଅଧିକାରୀମାନେ ଉପସ୍ଥିତ ଥିଲେ।

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୧୦।୪।୨୦୨୪

| | |
|---|---|
| ୩,୯୭,୨୧୩ ଟଙ୍କା | |
| ସୁନା | ୧୦୦ ମିଲିଗ୍ରାମ୍ |
| ରୁପା | ୪୮ ଗ୍ରାମ୍ |

## ଥାନା ଏଏସ୍ଆଇ ଠକେଇର ଶିକାର

ଅସ୍ତରଙ୍ଗ,୧୦।୪(ପ୍ରଦୀପ୍ତ ଦୀକ୍ଷିତ)

ଅନଲାଇନରେ ଜିନିଷ ମଗାଇ ଅସ୍ତରଙ୍ଗ ଥାନା ଏଏସ୍ଆଇ ଖଗେଶ୍ୱର କର ଠକେଇର ଶିକାର ହୋଇଛନ୍ତି। ଖଗେଶ୍ୱର ସ୍ପ୍ରିଙ୍ଗ ୫ ମିଟର ମାପ ଫିତା ମଗାଇଥିବାବେଳେ ପାର୍ସଲରୁ ଇଟା ବାହାରିଥିଲା। ଏନେଇ ସେ ଆଇନର ଦ୍ୱାରସ୍ଥ ହେବେ ବୋଲି କହିଛନ୍ତି। ଖଗେଶ୍ୱରଙ୍କ ଅଭିଯୋଗ ଅନୁଯାୟୀ, ସେ ସ୍ନାପ ଡିଲରୁ ଏକ ସ୍ପ୍ରିଙ୍ଗ ମାପ ଫିତା ମଗାଇଥିଲେ। ଅର୍ଡରଟି ଅପ୍ରେଲ ୨ରେ ସ୍ନାପଡିଲର ବି ୧୬ଏ ଗ୍ରାଉଣ୍ଡ ଫ୍ଲୋର ଅବନ୍ତିକା ଏନକ୍ଲବ, ସେକ୍ଟର ୨ ରୋହିନୀ ନୂଆଦିଲ୍ଲୀରୁ ଅର୍ଡର ହୋଇଥିବାବେଳେ ୮ ଦିନ ପରେ ଏରକର୍ଟ ସିପିଙ୍ଗ ଦ୍ୱାରା ଅସ୍ତରଙ୍ଗରେ ପହଞ୍ଚିଥିଲା। ପାର୍ସଲକୁ ଖୋଲିବା ବେଳକୁ ସେଥିରୁ ନାଲି ଇଟା ବାହାରିଥିଲା। ଏ ଘଟଣା ଏବ ଚର୍ଚ୍ଚାର ବିଷୟ ପାଲଟିଛି।

## ପୁରୀ ଆକାଶବାଣୀରେ ବୈଶାଖୀ ଆସର

ପୁରୀ, ୧୦।୪(ଅଜିତ୍ ମହାନ୍ତି)

ଗ୍ରୀଷ୍ମଋତୁକୁ ନେଇ ପୁରୀ ଆକାଶବାଣୀରେ ବୈଶାଖୀ କବିତା ଆସର ଅନୁଷ୍ଠିତ ହୋଇଯାଇଛି। ମହାବିଷୁବ ସଂକ୍ରାନ୍ତି ଉପଲକ୍ଷେ ପୁରୀ ଆକାଶବାଣୀର ମୁଖ୍ୟ ମାନସ ନାୟକଙ୍କ ପରିଚାଳନାରେ ଆୟୋଜିତ ଏହି ଆସରକୁ ଗୀତିକାର ତଥା କଥାକାର ବଦ୍ରି ମିଶ୍ର ସଂଯୋଜନା କରିଥିଲେ। ଆସରରେ ବର୍ଷିୟାନ କବି ଡ. କୈଳାସ ଚନ୍ଦ୍ର ତିକାୟତରାୟ, କବି ଅଧ୍ୟାପକ ପବିତ୍ର ମୋହନ ଦାଶ, କବୟିତ୍ରୀ ଶୈଳବାଳା ମହାପାତ୍ର ଏବଂ ଡ. ସୁଚିତ୍ରା ରଥ ଯୋଗଦେଇ କବିତା ଉପସ୍ଥାପନ କରିଥିଲେ। ମହାବିଷୁବ ସଂକ୍ରାନ୍ତିରେ ଏହାକୁ ଆକାଶବାଣୀ ପ୍ରସାରଣ କରିବ ବୋଲି ମାନସ ନାୟକ ଓ ଦିଲ୍ଲୀପ ନାୟକ ସୂଚନା ଦେଇଛନ୍ତି।

## ଅଗ୍ନିବିପନ୍ନଙ୍କୁ ସହାୟତା

ଅସ୍ତରଙ୍ଗ,୧୦।୪(ପ୍ରଦୀପ୍ତ ଦୀକ୍ଷିତ)

ଗତ ୯ ତାରିଖରେ ଅସ୍ତରଙ୍ଗ ବ୍ଲକ ନାନପୁର ଗ୍ରାମର କେଦାର ଲେଙ୍କାଙ୍କ ଘରେ ଅଗ୍ନିକାଣ୍ଡ ଘଟିଥିବାବେଳେ ବୁଧବାର ତାଙ୍କ ପରିବାରକୁ 'ସବୁଜଶାଖା' ସ୍ୱେଚ୍ଛାସେବୀ ସଂଗଠନ ପକ୍ଷରୁ ସହାୟତା ପ୍ରଦାନ କରାଯାଇଛି। 'ସବୁଜଶାଖା' ଉପଦେଷ୍ଟା ଦିବାକର ଛାଟୋଇ ସଭାପତି ରମାକାନ୍ତ ବସ୍ତିଆ, ପ୍ରଶାନ୍ତ ମୁଦୁଲି, କୁମାର ସନ୍ତୋଷ, କୁମାର ପପୁ ଓ ଅନ୍ୟ ସଦସ୍ୟ ପ୍ରମୁଖ ଅଗ୍ନିବିପନ୍ନଙ୍କ ପାଖରେ ପହଞ୍ଚିଥିଲେ। ତାଙ୍କ ପରିବାରକୁ ୨ ହଜାର ଟଙ୍କା, ୫୦ କିଗ୍ରା ଚାଉଳ, ନୂତନ ବସ୍ତ୍ର, ଶୁଖିଲା ଖାଦ୍ୟ ଓ ରାସନ ସାମଗ୍ରୀ ପ୍ରଦାନ କରାଯାଇଥିଲା। ଅଗ୍ନିକାଣ୍ଡରେ କେଦାରଙ୍କ ୪ରୁ ଊର୍ଦ୍ଧ୍ୱ ବଖରା ଚାଳ ଘର ପୋଡ଼ି ଯାଇଛି।

# ଶ୍ରୀକ୍ଷେତ୍ରରୁ 'ଉଠ ଓଡ଼ିଆ ସଂକଳ୍ପ ଯାତ୍ରା' ଆରମ୍ଭ

### ସମସ୍ତ କାର୍ଯ୍ୟାଳୟରେ ଓଡ଼ିଆରେ ଫାଇଲପତ୍ର ଲେଖାଯାଉ

ପୁରୀ, ୧୦।୪(ଅଜିତ୍ ମହାନ୍ତି)

'ଉଠ ଓଡ଼ିଆ' ସଙ୍ଗଠନ ପକ୍ଷରୁ ଶ୍ରୀକ୍ଷେତ୍ରରୁ ଏକାମ୍ର ଅଭିଯାନ ଅନ୍ତର୍ଗତ 'ଉଠ ଓଡ଼ିଆ ସଂକଳ୍ପ ଯାତ୍ରା' ବୁଧବାର ଶ୍ରୀମନ୍ଦିର ସିଂହଦ୍ୱାର ସମ୍ମୁଖରୁ ଆରମ୍ଭ ହୋଇଛି। ଏହି ଯାତ୍ରାରେ ବିଭିନ୍ନ ଜିଲାରୁ ଶତାଧିକ ସ୍ୱେଚ୍ଛାସେବୀ ଯୋଗଦେଇଛନ୍ତି। ଓଡ଼ିଶାର ସ୍ୱାଭିମାନ ଓ ଅସ୍ମିତାର ସୁରକ୍ଷା ତଥା ଖଣି, ପାଣି ଆଦି ଲୁଟ୍‌କୁ ବିରୋଧ କରି ନୂତନ ଓଡ଼ିଶା ଗଠନ ପାଇଁ ଅଭିଯାନ ଆରମ୍ଭ କରାଯାଇଛି। ସେହିପରି ଓଡ଼ିଆ ଭାଷାରେ ସରକାରୀ ଫାଇଲ ଲେଖାଯିବା ବାଧ୍ୟତାମୂଳକ ହେବା ସହ ସମସ୍ତ ରାଜ୍ୟର ସରକାରୀ, ବେସରକାରୀ ଓ ବ୍ୟବସାୟିକ ପ୍ରତିଷ୍ଠାନର ନାମଫଳକ ଓଡ଼ିଆରେ ଲେଖା ହେବା ଦାବି ନେଇ ଏହି ଶୋଭାଯାତ୍ରା ବାହାରିଛି। ଏହା ବକୁଳବନ, ସୁଆଣ୍ଡୋ, ଦାଣ୍ଡମୁକୁନ୍ଦପୁର ଓ ଧଉଳି ଦେଇ ଓଡ଼ିଆ ନବବର୍ଷ ତଥା ମହାବିଷୁବ ସଂକ୍ରାନ୍ତିରେ ଭୁବନେଶ୍ୱର ପିଏମ୍‌ଜି ଛକରେ ପହଞ୍ଚିବ। ସେଠାରେ ଜନସଭା ହେବ ବୋଲି ସଂଗଠନ ପକ୍ଷରୁ ସୂଚନା ଦିଆଯାଇଛି।

୯୮ ବର୍ଷୀୟ ପୂର୍ବତନ ବିଧାୟକ ପଦ୍ମଚରଣ ନାୟକଙ୍କ ନେତୃତ୍ୱରେ 'ଉଠ ଓଡ଼ିଆ ସଂକଳ୍ପ ଯାତ୍ରା' ଆରମ୍ଭ ହୋଇଛି। ୧୯୩୬ ମସିହାରେ ଦେଶର ପ୍ରଥମ ଭାଷାଭିତ୍ତିକ ରାଜ୍ୟ ଓଡ଼ିଶା ହୋଇଥିଲେ ହେଁ, ଶାସକମାନଙ୍କ ଦୃଢ଼ ଇଚ୍ଛାଶକ୍ତି ଅଭାବରୁ ଆଜି ଓଡ଼ିଆ ଭାଷା ଘୋର ବିପଦରେ ବୋଲି ସଦସ୍ୟମାନେ ମତବ୍ୟକ୍ତ କହିଥିଲେ। ମିଶନ ଓଡ଼ିଶା ସମ୍ପାଦକ ତଥା ନିଶାମୁକ୍ତ ଓଡ଼ିଶା ଆନ୍ଦୋଳନର ପୁରୋଧା ମଧୁସୂଦନ ମିଶ୍ରଙ୍କ ପରିଚାଳନାରେ ଅଶୋକ ଜେନା, ପୂର୍ବତନ ବାର୍ ଆସୋସିଏଶନ୍ ସଭାପତି ବିଭୂତି ତ୍ରିପାଠୀ ଏବଂ ଅନ୍ତର୍ଜାତୀୟ ବାଲୁକାଶିଳ୍ପୀଙ୍କ ସମେତ ପୁରୀ, ଭୁବନେଶ୍ୱର, ନୟାଗଡ଼, ଜଗତ୍‌ସିଂହପୁର ଓ କଟକର ଶତାଧିକ ଯୁବତୀ ଯୁବକ ଓଡ଼ିଆ ଭାଷା –ସଂସ୍କୃତି ସୁରକ୍ଷା ସ୍ଲୋଗାନ ସହ ଶୋଭାଯାତ୍ରାରେ ପୁରୀରୁ ବାହାରି ବିଭିନ୍ନ ଗାଁ ଦେଇ ବୀରହରେକୃଷ୍ଣପୁରରେ ପହଞ୍ଚିଥିଲେ। ସେଠାରେ ଭାରତୀୟ ସ୍ୱାଧୀନତା ସଂଗ୍ରାମର ପ୍ରଥମ ଶହୀଦ ଜୟୀ ରାଜଗୁରୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ଏହି ମାଟିରେ ଗ୍ରାମ୍ୟ କମିଟି ତରଫରୁ ସଂକଳ୍ପ ଯାତ୍ରାକୁ ସ୍ୱାଗତ କରାଯାଇଥିଲା। ଅପରାହ୍ନରେ ଯାତ୍ରା ଚନ୍ଦନପୁରରେ ପହଞ୍ଚିଥିଲା। ଚନ୍ଦନପୁର ବଜାର ଓ ଗାଁରେ ପଥପ୍ରାନ୍ତ ବୈଠକ ଅନୁଷ୍ଠିତ ହୋଇଥିଲା। ବଜାର କମିଟି ତରଫରୁ ଯାତ୍ରୀମାନଙ୍କୁ ସ୍ୱାଗତ କରାଯାଇଥିଲା। ଏହି ଯାତ୍ରାରେ ସଙ୍ଗଠନ ପକ୍ଷରୁ କାହ୍ନୁ ଚରଣ ନାୟକ, ସୌମ୍ୟରଞ୍ଜନ ମହାନ୍ତି, ଅଶୋକ ଜେନା, ଜ୍ଞାନରଞ୍ଜନ ଦାସ, ଦୁର୍ଗାଚରଣ ଦାସ, ବଳରାମ ସେଠୀ, ପ୍ରସନ୍ନ କୁଆଁର, ରମାକାନ୍ତ ଜେନା, ଇନ୍ଦୁମତି ମଣ୍ଡଳ, ପ୍ରତିମା, ବନ୍ଦିତା, ସନ୍ତୋଷୀ, ରଶ୍ମିତା, ସୋନାଲି ପ୍ରମୁଖ ସାମିଲ ଥିଲେ।



ଶ୍ରୀମନ୍ଦିର ସିଂହଦ୍ୱାର ସମ୍ମୁଖରେ 'ଉଠ ଓଡ଼ିଆ ସଂକଳ୍ପ ଯାତ୍ରା'ର ଶୁଭାରମ୍ଭ କରାଯାଉଛି।

## ଦଳିତ ପରିବାରଙ୍କୁ ପୋଲିସର ନିର୍ଯାତନା

ପିପିଲି,୧୦।୪(ଦୁର୍ଗାମାଧବ ମିଶ୍ର)

ଚନ୍ଦନପୁର ଥାନା ଅଞ୍ଚଳର ଗୋଟିଏ ଦଳିତ ପରିବାର ଉପରେ ଚନ୍ଦନପୁର ଥାନା କର୍ତ୍ତୃପକ୍ଷ ନିର୍ଯାତନା ଦେବା ସମ୍ପର୍କରେ ପିପିଲି ତାରା ମଣ୍ଡପରେ ଜାତୀୟ ଦଳିତ ଆଦିବାସୀ ମାଇନରିଟି ମହାସଂଘ ରାଜ୍ୟ ସଭାପତି ବିଜୟ ସେଠୀ ଏକ ଖବରଦାତା ସମ୍ମିଳନୀରେ ଅଭିଯୋଗ କରିଛନ୍ତି।

ପ୍ରକାଶ ଯେ, ଚନ୍ଦନପୁର ଥାନା ଅଧୀନ ଅଚ୍ୟୁତପୁର ଗ୍ରାମର ଟୁକୁନା ଭୋଇଙ୍କ ଘର କାନ୍ଥ ନିକଟରେ ଏୟାରଟେଲ କମ୍ପାନୀ ଏକ ୧୦୦ ଫୁଟ ଓସାରର ଗାତ ଖୋଳି ଟାୱାର ବସାଇବାକୁ ଉଦ୍ୟମ କରିଥିଲା। ଏହାଦ୍ୱାରା ଟୁକୁନାଙ୍କ ଘର ଦୁର୍ବଳ ହେବାରୁ ହାଇକୋର୍ଟଙ୍କ ପାଖରେ ଡବ୍ଲୁପି(ସି) ନଂ.୮୫୪୭/୨୩, ରାଜ୍ୟ ମାନବାଧିକାର କମିଶନଙ୍କ ପାଖରେ ୪୧୦/୨୩ ଓ ପୁରୀ ତହସିଲଦାରଙ୍କ ଜାଗା ଉପରେ ୧୪୪ ଧାରା ଥାଇ ମଧ୍ୟ ଚନ୍ଦନପୁର ପୋଲିସ କଣ୍ଟ୍ରାକ୍ଟର, କେତେଜଣ ଗୁଣ୍ଡାଙ୍କୁ ନେଇ ଜବରଦସ୍ତ ଟାୱାର କାମ କରାଉଛି। ଏହାକୁ ଟୁକୁନା ପ୍ରତିବାଦ କରିବାରୁ ଗତ ୭ ତାରିଖରେ ଚନ୍ଦନପୁର ଥାନା କର୍ମଚାରୀ କଣ୍ଟ୍ରାକ୍ଟର, ଲେବର ମିଶି ଦଳିତ ମହିଳାଙ୍କୁ ସର୍ବସାଧାରଣ ରାସ୍ତାରେ ଟାଣି ନେଇଥିଲେ। ଏଥିସହ ତାଙ୍କ ଝିଅ ରଶ୍ମିତା ଭୋଇଙ୍କୁ ପୋଲିସ ଚାପୁଡ଼ା ମାରି ୧୦ଟି ସାଦା କାଗଜରେ ଦସ୍ତଖତ ନେଇଛି। ଗରିବ ନୀରିହ ପରିବାରକୁ ଫସାଇବା, ହାଇକୋର୍ଟ ଓଡ଼ିଶା, ରାଜ୍ୟ ମାନବାଧିକାର କମିଶନଙ୍କ ପାଖରେ ମାମଲା ବିଚାରାଧୀନ ଥାଇ ଥାନା ଅଧିକାରୀ କିଭଳି ଜାଗା ଉପରେ ନିଜର ଫୋର୍ସ ନେଇ କାମ କରାଉଛନ୍ତି, ତାହା ଜନସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଆଗାମୀ ଦିନରେ ଏହାକୁ ନେଇ ଡିଜିପି ଅଫିସ ଘେରାଉ କରାଯିବ ବୋଲି ସେଠୀ ପ୍ରକାଶ କରିଛନ୍ତି।

## ଛାତ୍ରୀଛାତ୍ରଙ୍କ ଶିକ୍ଷାରେ ମାତାପିତାଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ



ବାର୍ଷିକ ଉତ୍ସବରେ ଉପସ୍ଥିତ ଅତିଥିମାନେ।

ଚାରିଛକ,୧୦।୪(ଶିଶିର ସ୍ୱାଇଁ)

ଚାରିଛକ ନିକଟସ୍ଥ ସରସ୍ୱତୀ ଶିଶୁମନ୍ଦିରର ବାର୍ଷିକ ଉତ୍ସବ ଚାରିଛକ ସରକାରୀ ଅନ୍ନପୂର୍ଣ୍ଣା ବିଦ୍ୟାପୀଠ ଖେଳପଡ଼ିଆରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ସମ୍ପାଦକ ବିଜୟ ବେହେରାଙ୍କ ନେତୃତ୍ୱରେ ଆୟୋଜିତ ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ଭାରତୀୟ ଶିକ୍ଷା ବିକାଶ ସଂସ୍ଥା, ଓଡ଼ିଶାର ମହାସଚିବ ଡ. କରୁଣାକର ପ୍ରଧାନ, ମୁଖ୍ୟବକ୍ତା ଭାବେ କାକଟପୁର ମଙ୍ଗଳା ମହାବିଦ୍ୟାଳୟ ଅବସରପ୍ରାପ୍ତ ଅଧ୍ୟକ୍ଷ ପ୍ରଫେସର ସନ୍ତୋଷ ମିତ୍ର, ବିଶିଷ୍ଟ ଅତିଥି ଉତ୍କଳ ଗ୍ରାମ ସ୍ୱରାଜ ସଭାପତି କଳିଙ୍ଗରତ୍ନ ବ୍ରହ୍ମାନନ୍ଦ ମହାନ୍ତି, ସମ୍ମାନିତ ବକ୍ତା ପ୍ରାଧ୍ୟାପକ ଜବାହର ନେହ୍ରୁ ବିଦ୍ୟାଳୟ ମାହାଙ୍ଗା ନିଖିଳେଶ ମହାନ୍ତି, ସମ୍ମାନିତ ଅତିଥି ଭାବେ ପାର୍ବତୀ ଗୋବିନ୍ଦ ସାହିତ୍ୟ ସଂସଦ ସଭାପତି (ବିଇଓ) ଶଶିଧର ପଣ୍ଡା, ଚାରିଛକ ଅନ୍ନପୂର୍ଣ୍ଣା ବିଦ୍ୟାପୀଠ ପ୍ରଧାନ ଶିକ୍ଷୟିତ୍ରୀ ମନସ୍ୱିନୀ ଲେଙ୍କା, ବ୍ୟଙ୍ଗକବି ଲକ୍ଷ୍ମୀଛଡ଼ା, କେନ୍ଦ୍ରାପଡ଼ାର ରଞ୍ଜନ ସାହୁ, ଚାରିଛକ ସରସ୍ୱତୀ ଶିଶୁମନ୍ଦିର ସଭାପତି ଲକ୍ଷ୍ମୀଧର ନାୟକ, ବେଦ ବିଦ୍ୟାର ଗାୟକ ସୁରେନ୍ଦ୍ର ଛୋଟରାୟ ପ୍ରମୁଖ ଯୋଗଦେଇଥିଲେ। ଭାରତ ମାତା, ମା' ସରସ୍ୱତୀଙ୍କ ଫଟୋଚିତ୍ରରେ ପୁଷ୍ପ ଅର୍ପଣ କରି ପ୍ରଦୀପ ପ୍ରଜ୍ୱଳନପୂର୍ବକ ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା। କାର୍ଯ୍ୟକ୍ରମରେ ଗୁରୁଜୀ ମାନସ ରଞ୍ଜନ ବାରିକ୍ ସଭା ପରିଚାଳନା କରିଥିଲେ। ସରସ୍ୱତୀ ଶିଶୁମନ୍ଦିର ପ୍ରଧାନ ଆଚାର୍ଯ୍ୟ ପ୍ରକାଶ ମିଶ୍ର ବାର୍ଷିକ ବିବରଣୀ ପାଠ କରିଥିଲେ। ଛାତ୍ରୀଛାତ୍ରମାନେ ଶିକ୍ଷାଲାଭ ପାଇଁ ମାତାପିତାଙ୍କ ଭୂମିକା ଗୁରୁତ୍ୱ ବୋଲି ମୁଖ୍ୟ ଅତିଥି ପ୍ରଧାନ କହିଥିଲେ। ଅତିଥିମାନେ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ଗୁରୁଜୀ ବାରିକ୍ ଧନ୍ୟବାଦ ଦେଇଥିଲେ। ଶେଷରେ ସରସ୍ୱତୀ ଶିଶୁମନ୍ଦିରର ଛାତ୍ରୀଛାତ୍ର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

# ଶାନ୍ତି, ମୈତ୍ରୀ ଭାରତୀୟ ସଂସ୍କୃତିର ମୂଳମନ୍ତ୍ର


ରାଷ୍ଟ୍ରୀୟ ନବବର୍ଷ ପାଳନ ଅବସରରେ ମଞ୍ଚାସୀନ ଅତିଥିମାନେ।

ପୁରୀ,୧୦।୪(ଅଜିତ୍ ମହାନ୍ତି)

ପତିତପାବନ ସାହିତ୍ୟ ସଂସଦ ଆନୁକୂଲ୍ୟରେ ସଭାପତି ଡ. ବଳରାମ ଦାଶଙ୍କ ଅଧ୍ୟକ୍ଷତାରେ ରାଷ୍ଟ୍ରୀୟ ନବବର୍ଷ ପାଳିତ ହୋଇଯାଇଛି। ଏହି ଅବସରରେ ସଭାପତି ଡ. ଦାଶ ଅଭିଭାଷଣରେ କହିଲେ, ଚୈତ୍ର ଶୁକ୍ଳ ପ୍ରତିପଦା ଦିବସରେ ମର୍ଯ୍ୟାଦା ପୁରୁଷୋତ୍ତମ ଶ୍ରୀରାମଚନ୍ଦ୍ର ଓ ଧର୍ମରାଜ ଯୁଧିଷ୍ଠିରଙ୍କ ରାଜ୍ୟାଭିଷେକ ହୋଇଥିଲା। ଉକ୍ତଦିନଠାରୁ ମା' ଦୁର୍ଗାଙ୍କ ନବଦିନାତ୍ମକ ପୂଜା ଆରମ୍ଭ ହୋଇଥାଏ। ଶାନ୍ତି, ମୈତ୍ରୀ, ଭାଇଚାରା ହେଉଛି ଭାରତୀୟ ସଂସ୍କୃତିର ମୂଳମନ୍ତ୍ର। ଆମର ଅସ୍ମିତା ହେଉଛି ଭାରତୀୟତା ବୋଲି ସେ ପ୍ରକାଶ କରିଥିଲେ। ସମ୍ପାଦକ ଦୟାନିଧି ପଣ୍ଡା ବେଦପାଠ, ସ୍ୱାଗତ ଭାଷଣ ସହ ଅତିଥି ପରିଚୟ ପ୍ରଦାନ କରିଥିଲେ। ମୁଖ୍ୟ ବକ୍ତା ରୂପେ ଡାକ୍ତର ଗୋପାଳକୃଷ୍ଣ କର ଯୋଗଦେଇ ଭାରତୀୟ ସନାତନ ସଂସ୍କୃତିର ଗୁଣଗାନ କରି ଏହା ସମଗ୍ର ବିଶ୍ୱର ମାର୍ଗଦର୍ଶକ ଏବଂ ରାଷ୍ଟ୍ରୀୟ ନବବର୍ଷକୁ ଆନନ୍ଦ, ଉତ୍ସାହରେ ପାଳନ କରି ଦେଶବାସୀ ଆଧ୍ୟାତ୍ମିକ ସମୃଦ୍ଧ ବିକଶିତ ଭାରତ ଗଠନରେ ସହାୟକ ହୋଇପାରିବେ ବୋଲି କହିଥିଲେ। କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ରୂପେ ରଘୁନାଥ ସଂସ୍କୃତ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. କମଳାକାନ୍ତ ମିଶ୍ର ଓ ସମାଜସେବୀ ଅନ୍ନପୂର୍ଣ୍ଣା କର ଯୋଗଦେଇ ରାଷ୍ଟ୍ରୀୟ ଦିବସର ମାହାତ୍ମ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ସୁଶ୍ରୀ ଅଭିଲିପ୍ସା ଦାଶ ଭକ୍ତି ସଙ୍ଗୀତ ପରିବେଷଣ କରିଥିଲେ। କବିତା ଆଚାର୍ଯ୍ୟ, ଜାନକୀରାଣୀ ଆଚାର୍ଯ୍ୟ, ସବିତା ମିଶ୍ର, ଗୀତାଞ୍ଜଳି ମିଶ୍ର, ଦେବାଶିଷ ମିଶ୍ର, ସସ୍ମିତା ମିଶ୍ର, ଆଦ୍ୟାନ୍ତ ମିଶ୍ର, ଅଂଶୁମାନ ଜେନା, ଯୁଗଜ୍ୟୋତି ପଣ୍ଡା, ପ୍ରୀତିଲିପ୍ସା ଦାଶ, ପ୍ରଦ୍ୟୁମ୍ନ କର, ମଧୁସ୍ମିତା ମିଶ୍ର, ବୀଣାପାଣି କର ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଡ. ଐଶ୍ୱର୍ଯ୍ୟା କର ଧନ୍ୟବାଦ ଦେଇଥିଲେ।

## କୁଶଭଦ୍ରା ନଦୀରେ ବୁଡ଼ି ନାବାଳକ ମୃତ

ବାଲିଅନ୍ତା,୧୦।୪(ନୀଳମାଧବ ସାହୁ)

ବୁଢ଼ୀ ମା' ସହିତ କୁଶଭଦ୍ରା ନଦୀକୁ ଗାଧୋଇବାକୁ ଯାଇ ବୁଧବାର ପାଣିରେ ବୁଡ଼ି ଜଣେ ନାବାଳକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ବାଲିଅନ୍ତା ବ୍ଲକର ପ୍ରତାପରୁଦ୍ରପୁର ପଞ୍ଚାୟତ ଅଧୀନ ପାରିବାସୁଦେଇପୁର ଗ୍ରାମର ଆଲୋକ ଜେନାଙ୍କ ପୁଅ ଆରୁସ ଜେନା(୭)।

ସୂଚନା ମୁତାବକ, ସକାଳ ସମୟରେ ଆରୁସ ବୁଢ଼ୀ ମା' ସହିତ ପାରିବାସୁଦେଇପୁରସ୍ଥିତ କୁଶଭଦ୍ରା ନଦୀକୁ ଯାଇଥିଲେ। ସେ ନଦୀକୂଳରେ ବସିଥିବାବେଳେ ହଠାତ୍ ନଦୀ ଭିତରକୁ ଖସି ପଡ଼ିଥିଲେ। ଆରୁସଙ୍କୁ ନ ପାଇ ନାତି ଘରକୁ ପଳାଇଥିବା ଭାବି ବୁଢ଼ୀ ମା' ଘରକୁ ଯାଇଥିଲେ। ସେଠାରେ ମଧ୍ୟ ନାତିକୁ ନ ପାଇବାରୁ ପରିବାର ଲୋକଙ୍କୁ ଜଣାଇଥିଲେ।

ପରିବାର ଲୋକେ ନଦୀକୁ ଆସି ଖୋଜାଖୋଜି କରିବାରୁ ଆରୁସଙ୍କୁ ନଦୀ ଭିତରୁ ପାଇଥିଲେ। ତାଙ୍କୁ ଅଡ଼ଶପୁର ଡାକ୍ତରଖାନା ପରେ କଟକ ବଡ଼ ଡାକ୍ତରଖାନା ସ୍ଥାନାନ୍ତର କରାଯାଇଥିଲା। କିନ୍ତୁ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଡାକ୍ତରଖାନାରେ ଆରୁସଙ୍କ ମୃତଦେହ ବ୍ୟବଚ୍ଛେଦ କରାଯାଇଥିଲା। ସନ୍ଧ୍ୟାରେ ମୃତଦେହ ଗ୍ରାମରେ ପହଞ୍ଚିଲା ପରେ ଏକ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା।

## ପ୍ରାର୍ଥୀ ତାଲିକା ଘୋଷଣା ନେଇ କଂଗ୍ରେସର ମାନସ ମନ୍ଥନ

ପୁରୀ,୧୦।୪(ଅଜିତ୍ ମହାନ୍ତି)

ଆସନ୍ତା ମେ ୨୫ରେ ପୁରୀ ଲୋକ ସଭା ସଂସଦୀୟ କ୍ଷେତ୍ର ଅନ୍ତର୍ଗତ ସମସ୍ତ ବିଧାନସଭା ଆସନ ପାଇଁ ନିର୍ବାଚନ ଅନୁଷ୍ଠିତ ହେବାକୁ ଯାଉଛି। ତେଣୁ ଏବେଠାରୁ ବିଭିନ୍ନ ଦଳ ପକ୍ଷରୁ ରଣକୌଶଳ ପ୍ରସ୍ତୁତ କରାଯିବା ସହ ନିର୍ବାଚନ ବୈତରଣୀ ପାରିହେବା ନେଇ ମାନସ ମନ୍ଥନ ଆରମ୍ଭ ହୋଇଗଲାଣି। ଲୋକଙ୍କ ନିକଟକୁ କେଉଁ ପ୍ରସଙ୍ଗ ନେଇ ଯିବେ ଓ ଲୋକଙ୍କ ଆସ୍ଥାଭାଜନ ହୋଇପାରିବେ ସେ ନେଇ ବୈଠକ ଉପରେ ବୈଠକ ଚାଲିଛି। ଏହାରି ଭିତରେ ବିଭିନ୍ନ ରାଜନୈତିକ ଦଳ ପକ୍ଷରୁ ସେମାନଙ୍କ ପ୍ରାର୍ଥୀଙ୍କ ନାମ ଘୋଷଣା ହୋଇସାରିଛି। ତେବେ କଂଗ୍ରେସ ପକ୍ଷରୁ ପୁରୀ ଲୋକ ସଭା ସଂସଦୀୟ କ୍ଷେତ୍ରର ବିଭିନ୍ନ ବିଧାନସଭା ନିର୍ବାଚନମଣ୍ଡଳୀ ଲାଗି ଏପର୍ଯ୍ୟନ୍ତ ପ୍ରାର୍ଥୀଙ୍କ ନାମ ଘୋଷଣା କରାଯାଇନାହିଁ। ପୁରୀ ବିଧାନସଭା ଆସନରୁ କିଏ କଂଗ୍ରେସ ପ୍ରାର୍ଥୀ ହେବେ ସେ ନେଇ ଆଶାୟୀଙ୍କ ମଧ୍ୟରେ ଆଶା ଆଶଙ୍କା ପ୍ରକାଶ ପାଇଛି। ଏହି ଆସନ ପାଇଁ ସୁଜିତ ମହାପାତ୍ରଙ୍କ ନାମ ଆଗରେ ଥିବା ଶୁଣିବାକୁ ମିଳୁଛି। ଛାତ୍ର ଜୀବନରୁ ରାଜନୀତି ଆରମ୍ଭ କରିଥିବା ସୁଜିତ୍ ଦୀର୍ଘ ବର୍ଷ ହେବ କଂଗ୍ରେସରେ ରହିବା ସହ ଦଳର ବିଭିନ୍ନ ପଦପଦବୀରେ ସୁଚାରୁ ରୂପେ କାର୍ଯ୍ୟ ତୁଲାଇଛନ୍ତି। ପ୍ରାର୍ଥୀଙ୍କ ନାମ ଘୋଷଣା ହୋଇ ନ ଥିଲେ ମଧ୍ୟ ସୁଜିତ୍ ଏବେଠାରୁ କଂଗ୍ରେସ କର୍ମୀମାନଙ୍କୁ ନେଇ ବୈଠକ କରିବା କରିବା ସହ ଲୋକଙ୍କ ନିକଟରେ ପହଞ୍ଚିବା ପାଇଁ ବିଭିନ୍ନ ରଣକୌଶଳ ପ୍ରସ୍ତୁତିରେ ଲାଗିଛନ୍ତି। ଏହି ପରିପ୍ରେକ୍ଷୀରେ ମଙ୍ଗଳବାର ଜିଲା କଂଗ୍ରେସ କାର୍ଯ୍ୟାଳୟରେ ଯୁବ କଂଗ୍ରେସର ସଦସ୍ୟମାନଙ୍କୁ ନେଇ ଏକ ବୈଠକ ବସିଥିଲା। କ'ଣ ସବୁ ପ୍ରସଙ୍ଗ ନେଇ ଭୋଟରଙ୍କ ନିକଟକୁ ଯିବେ ଏବଂ ପ୍ରଚାର କୌଶଳ ଆଦି ବିଭିନ୍ନ ବିଷୟରେ ଆଲୋଚନା ହୋଇଥିବା ଜଣାପଡ଼ିଛି।

**ଋଣ ସୁଝିବା ନେଇ ଚିନ୍ତାରେ ଚାଷୀ**

## ପାନବରଜରେ ଅଗ୍ନିକାଣ୍ଡ, ଲକ୍ଷାଧିକ ଟଙ୍କାର ଫସଲ ପୋଡ଼ିଗଲା

ଅସ୍ତରଙ୍ଗ,୧୦।୪(ପ୍ରଦୀପ୍ତ ଦୀକ୍ଷିତ)

ଅସ୍ତରଙ୍ଗ ତହସିଲ ଅଧୀନ ସାଆଙ୍ଗପାଟଣା ଗ୍ରାମର ବାସୁଦେବ ନାୟକଙ୍କ ପାନବରଜରେ ନିଆଁ ଲାଗି ଲକ୍ଷାଧିକ ଟଙ୍କାର ପାନବରଜ ପୋଡି ନଷ୍ଟ ହୋଇଯାଇଛି। ସୂଚନା ଅନୁସାରେ, ବାସୁଦେବ ପାନବରଜରେ ବୁଧବାର ଅପରାହ୍ନରେ କୌଣସି ଦୁର୍ବୃତ୍ତ ପାନବରଜରେ ନିଆଁ ଲଗାଇ ଦେଇଥିଲେ। ନିଆଁ ଏତେ ଭୟଙ୍କର ଥିଲା ଯେ, ଗ୍ରାମବାସୀ ଦୀର୍ଘ ସମୟ ଚେଷ୍ଟା କରିବା ପରେ ମଧ୍ୟ ନିଆଁକୁ ଆୟତ କରିଥିଲେ। ବରଜର ୩ରୁ ୪ ଅଂଶ ପୋଡ଼ି ଛାରଖାର ହୋଇଯାଇଛି। ୨ରୁ ୩ ଲକ୍ଷ ଟଙ୍କାର କ୍ଷତି ହୋଇଥିବା ପ୍ରାଥମିକ ତଦନ୍ତରୁ ଅନୁମାନ କରାଯାଉଛି। ଋଣ କରି ପାନବରଜ କରିଥିବା ବାସୁଦେବ ଋଣ କିପରି ସୁଝିବେ ସେନେଇ ଚିନ୍ତାରେ ଅଛନ୍ତି। ପାନବରଜ ରୋଜଗାର ଏକମାତ୍ର ପନ୍ଥା ହୋଇଥିବାରୁ ବାସୁଦେବଙ୍କ ପରିବାର ସମ୍ପୂର୍ଣ୍ଣ ଭାଙ୍ଗି ପଡ଼ିଛନ୍ତି। ଏନେଇ ବାସୁଦେବ ଅସ୍ତରଙ୍ଗ ତହସିଲଦାରଙ୍କୁ ଲିଖିତ ଆକାରରେ ଜଣାଇଛନ୍ତି। ଯଥାଶୀଘ୍ର କ୍ଷୟକ୍ଷତିର ଆକଳନ କରି ପରିବାରକୁ କ୍ଷତି ପୂରଣ ଯୋଗାଇଦେବାକୁ ସ୍ଥାନୀୟ ଲୋକ ଦାବି କରିଛନ୍ତି।

## ସତ୍ୟବାଦୀରେ ସମିତି ସଭ୍ୟ ସଂଘର ବୈଠକ

ସାକ୍ଷୀଗୋପାଳ,୧୦।୪
(ପ୍ରଶାନ୍ତ ବାରିକ୍/କିଶୋର ମହାପାତ୍ର)

ପୁରୀ ଜିଲା ସମିତି ସଭ୍ୟାସଭ୍ୟଙ୍କ ଏକ ବୈଠକ ସତ୍ୟବାଦୀର ଏକ ମଣ୍ଡପରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଓଡ଼ିଶା ରାଜ୍ୟ ସମିତି ସଭ୍ୟାସଭ୍ୟ ସଂଘ ସଭାପତି ସୌମେନ୍ଦ୍ର ଦୀକ୍ଷିତ, ସତ୍ୟବାଦୀ ବ୍ଲକ ଅଧ୍ୟକ୍ଷ ସମ୍ପାଦକ ସୁନୀଲ ପଣ୍ଡା, ପିପିଲି ବ୍ଲକ ଅଧ୍ୟକ୍ଷା ଦେବସ୍ମିନୀ ନନ୍ଦ, ଗୋପ ବ୍ଲକ ଅଧ୍ୟକ୍ଷା ଝୁନୁ ମଲ୍ଲିକ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଶ୍ରୀଜଗନ୍ନାଥଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ ଓ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ କାର୍ଯ୍ୟକ୍ରମ ଉଦ୍‌ଘାଟନ ହୋଇଥିଲା। ଦୀର୍ଘଦିନର ଦାବି ଓ ଆନ୍ଦୋଳନ ଫଳରେ ରାଜ୍ୟ ସରକାର ସମିତି ସଭ୍ୟାସଭ୍ୟଙ୍କ ଭତ୍ତା ବୃଦ୍ଧି କରିଛନ୍ତି, ଏଥିପାଇଁ ସଂଘ ପକ୍ଷରୁ ରାଜ୍ୟ ସରକାରଙ୍କୁ ଧନ୍ୟବାଦ ଅର୍ପଣ କରାଯାଇଥିଲା। କର୍ମକ୍ଷେତ୍ରରେ ସଦସ୍ୟଙ୍କ ସମସ୍ୟା ଓ ଅନ୍ୟ ସମସ୍ତ ବିଷୟରେ ଉପସ୍ଥିତ ସଦସ୍ୟା ସଦସ୍ୟ ବୈଠକରେ ଆଲୋଚନା କରିଥିଲେ। ନିର୍ବାଚନରେ ନୂତନ ସରକାର ଗଠନ ପରେ ସଂଘ ପକ୍ଷରୁ ପ୍ରତ୍ୟେକ ପଞ୍ଚାୟତରେ ସମିତିର ଏକ କାର୍ଯ୍ୟାଳୟ ପ୍ରତିଷ୍ଠା କରାଯିବା ସହ ସ୍ୱାସ୍ଥ୍ୟବୀମା ଓ ପଞ୍ଚାୟତର ପ୍ରତ୍ୟେକ କାର୍ଯ୍ୟକ୍ରମରେ ସରପଞ୍ଚ ଓ ସମିତି ସଭ୍ୟାସଭ୍ୟଙ୍କ ଯୁଗ୍ମ ଦସ୍ତଖତ ରହିବାକୁ ଉଠାଯାଇଥିବା ଦାବିକୁ ପୁନର୍ବାର ନୂତନ ସରକାରଙ୍କ ନିକଟରେ ସଂଘ ଉପସ୍ଥାପନ କରିବ। କଣାସ ସମିତିସଭ୍ୟ ବୀରେନ୍ଦ୍ର ସାହୁ ଅତିଥି ପରିଚୟ ଓ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସତ୍ୟବାଦୀ ବ୍ଲକ ସମିତି ସଭ୍ୟ ସଂଘ ସଭାପତି ଦୀପକ ଶତପଥୀ ଓ ଅନ୍ୟମାନେ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ପୁରୀ ଜିଲା ସଂଘ ସଭାପତି ଧନ୍ୟବାଦ ଦେଇଥିଲେ।



ସତ୍ୟବାଦୀରେ ପୁରୀ ଜିଲାର ସମିତି ସଭ୍ୟ, ସଭ୍ୟା ସଂଘ ବୈଠକରେ ଉପସ୍ଥିତ କର୍ମକର୍ତ୍ତାମାନେ ସାଙ୍ଗଠନିକ ଆଲୋଚନା କରୁଛନ୍ତି ।

# ସକାଳୁଆ ଅଫିସ୍: ଆରମ୍ଭରୁ ଅବ୍ୟବସ୍ଥା

### ପୂର୍ବାହ୍ନ ୯ ଯାଏ ସରକାରୀ କର୍ମଚାରୀଙ୍କ ଦେଖାମିଳୁନି

ଗୋପ,୧୦।୪(ଭାରତୀ ଭୂଷଣ ଉପାଧ୍ୟାୟ)

ପ୍ରବଳ ଗ୍ରୀଷ୍ମ ପ୍ରବାହକୁ ନଜରରେ ରଖି ରାଜ୍ୟ ସରକାର ଏପ୍ରିଲ୍ ୧୦ରୁ ସକାଳୁଆ ଅଫିସ୍ ଲାଗି ନିର୍ଦ୍ଦେଶ ଦେଇଛନ୍ତି। ତେବେ ଏହି ନିର୍ଦ୍ଦେଶକୁ ସରକାରୀ ଅଧିକାରୀ ଓ କର୍ମଚାରୀ ଫୁ କରିଥିବା ଦେଖିବାକୁ ମିଳିଛି। ପୂର୍ବାହ୍ନ ୯ଟା ପର୍ଯ୍ୟନ୍ତ କର୍ମଚାରୀଙ୍କ ଦେଖାମିଳୁନି। ବୁଧବାର ଗୋପ ବ୍ଲକର ଅଧିକାଂଶ ସରକାରୀ କାର୍ଯ୍ୟାଳୟରେ ତାଲା ଝୁଲୁଥିବାରୁ ବିଭିନ୍ନ କାର୍ଯ୍ୟରେ ଆସିଥିବା ଲୋକେ ନିରାଶରେ ଫେରିଥିବା ସାଧାରଣରେ ଅଭିଯୋଗ ହୋଇଛି। ପ୍ରକାଶ ଯେ, ରାଜ୍ୟ ସରକାରଙ୍କ ନିର୍ଦ୍ଦେଶରେ ବୁଧବାରଠାରୁ ସକାଳୁଆ ଅଫିସ୍ ଆରମ୍ଭ ହୋଇଛି। ସକାଳ ୭ଟାରୁ ଅପରାହ୍ନ ୧ଟା ପର୍ଯ୍ୟନ୍ତ ଅଫିସ ଖୋଲା ରଖିବାକୁ ନିର୍ଦ୍ଦେଶ ରହିଛି। ତେଣୁ ସରକାରୀ ଅଧିକାରୀ ଓ କର୍ମଚାରୀମାନେ ସକାଳ ୭ଟା ସୁଦ୍ଧା ଆସି ପହଞ୍ଚିବା କଥା। ମାତ୍ର ଗୋପ ବ୍ଲକ ଅଞ୍ଚଳରେ ଏହାର ବ୍ୟତିକ୍ରମ ପରିଲକ୍ଷିତ ହୋଇଛି। ବୁଧବାର ଗୋପ ବ୍ଲକ କାର୍ଯ୍ୟାଳୟ, ତହସିଲ କାର୍ଯ୍ୟାଳୟ, ଜଳସମ୍ପଦ ବିଭାଗ, ପୂର୍ତ୍ତ ବିଭାଗ ଓ କୃଷି ବିଭାଗ ଆଦି ବିଭିନ୍ନ ସରକାରୀ ଅଫିସ୍‌ରେ ସକାଳ ୯ଟା ପର୍ଯ୍ୟନ୍ତ କର୍ମଚାରୀଙ୍କ ଦେଖା ମିଳି ନ ଥିଲା। ଫଳରେ ଗାଁ ଗହଳିରୁ ବିଭିନ୍ନ କାର୍ଯ୍ୟରେ ଆସିଥିବା ଲୋକେ ନିରାଶରେ ଫେରିଥିଲେ। ଏ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ସମ୍ପୃକ୍ତ କର୍ମଚାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ରଞ୍ଜନ ଦାଶ, ଭଗବାନ ପଡିହାରୀ, ସଞ୍ଜୁଲତା କାଣ୍ଡି ପ୍ରମୁଖ ଦାବି କରିଛନ୍ତି। ସେମାନେ ବ୍ଲକ ଓ ତହସିଲ କାର୍ଯ୍ୟାଳୟକୁ ଆସି କାମ ହୋଇ ନ ପାରିବାରୁ ନିରାଶରେ ଫେରିଥିବା ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ବିଡିଓ ଛବିରାଣୀ ସାହୁ କହିଛନ୍ତି, ପ୍ରଥମ ଦିନ ହୋଇଥିବାରୁ କେତେଜଣ କର୍ମଚାରୀ ବିଳମ୍ବରେ ଆସିଥିବା ଅଭିଯୋଗ ହୋଇଛି। ସେମାନଙ୍କୁ କାରଣଦର୍ଶାଅ ନୋଟିସ୍ ଜାରି କରାଯାଇଛି।



ତାଲା ପଡିଥିବା କୃଷି ସୂଚନା ଓ ପରାମର୍ଶ କେନ୍ଦ୍ର।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ମଲୁ ଚାହୁଁଥିଲା ଯାହା**
**ବଇଦ ବତେଇଲା ସେଇଆ।**

ମଣିଷ ଯେଉଁ ସୁଯୋଗକୁ ଅପେକ୍ଷା କରିଥାଏ ବା ଆଶା କରିଥାଏ ବେଳେବେଳେ କର୍ତ୍ତା ଅଯାଚିତ ଭାବେ ତାହା ଆଣି ତା' ପାଖରେ ପହଞ୍ଚାଇ ଦେଇଥାଏ। ମନ ମୁତାବକ ଜିନିଷ ପ୍ରାପ୍ତି ହେବାର ଲକ୍ଷ୍ୟରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ମାଛ ଯାକରେ ଫଳି**
**ମାଇପ ଯାକରେ ଶାଳୀ।**

ସାଧାରଣତଃ ମାଛ ମଧ୍ୟରେ ଫଳି ମାଛ ଖାଇବାକୁ ଅତ୍ୟନ୍ତ ସୁଆଦିଆ ଲାଗିଥାଏ। ସେହିପରି ସ୍ତ୍ରୀଲୋକଙ୍କ ମଧ୍ୟରେ ଶାଳୀ ହିଁ ବେଶି ଆଦରଣୀୟା ହୋଇଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ - ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲି:



ବୁଧବାର ଅପରାହ୍ଣ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

## କାର୍‌ରୁ ୪ ଲକ୍ଷ ୫୦ ହଜାର ଟଙ୍କା ଜବତ

କୋରାପୁଟ/ନାରାୟଣପାଟଣା, ୧୦।୪ (ଅମିତାଭ ବେହେରା/ ରାଜ କିଶୋର ଜେନା)

**ଜଣେ ବ୍ୟବସାୟୀ ନେଇ ଯାଉଥିଲେ**

କୋରାପୁଟ ଜିଲା ଲକ୍ଷ୍ମୀପୁରରୁ ବୁଧବାର ରାତିରେ ଦାମନଯୋଡି ଯାଉଥିବା ଏକ ୱାଗନର କାରରୁ ୪ ଲକ୍ଷ ୫୦ ହଜାର ଟଙ୍କା ଜବତ କରାଯାଇଛି। ନିର୍ବାଚନ ପାଇଁ ବ୍ୟାପକ ପରିମାଣରେ ଟଙ୍କା ଚାଲାଣ କରାଯାଉଥିବା ନେଇ ସୂଚନା ପାଇ ଲକ୍ଷ୍ମୀପୁର ବିଡିଓ ଗୁରେଶ୍ୱର ଭୋଇଙ୍କ ନେତୃତ୍ୱରେ ଏକ ଫ୍ଲାଇଂ ସ୍କ୍ୱାଡ ଲକ୍ଷ୍ମୀପୁର ଡିଡି ଘାଟ ନିକଟରେ ଗାଡିମୋଟର ଯାଞ୍ଚ କରୁଥିଲେ। ଏହି ସମୟରେ ଉପରୋକ୍ତ କାରରୁ ଜଣେ ବ୍ୟବସାୟୀଙ୍କଠାରୁ ଏହି ଟଙ୍କା ଜବତ ହୋଇଛି। ନେଉଥିବା ଟଙ୍କା ସମ୍ପର୍କରେ ବ୍ୟବସାୟୀ ଜଣକ ସନ୍ତୋଷଜନକ ଉତ୍ତର ଦେଇ ନ ପାରିବାରୁ ଏହାକୁ ଜବତ କରାଯାଇଥିଲା। ଜବତ ଏହି ଟଙ୍କା ଗୁରୁବାର କୋରାପୁଟ ଟ୍ରେଜେରିରେ ଦାଖଲ କରାଯିବ ବୋଲି ବିଡିଓ ଭୋଇ କହିଛନ୍ତି।

## ରାଜ୍ୟରେ ବିଧାୟକ, ମନ୍ତ୍ରୀଙ୍କ ଆବଶ୍ୟକତା ନାହିଁ: ଭାଜପା

ଭୁବନେଶ୍ୱର, ୧୦।୪(ସୁନିତ୍ ମିଶ୍ର)

ବିଜେଡିକୁ ଭୋଟ ଦେବା ପାଇଁ ବିଜେଡିର ୨ ନମ୍ବର ନେତା କାର୍ତ୍ତିକ ପାଣ୍ଡିଆନ ଭୋଟରଙ୍କୁ ଅପିଲ୍ କରି ନିଜର ଯେଉଁ ଅସହାୟତା ପ୍ରକାଶ କରିଛନ୍ତି ତାହା ସୂଚାଉଛି ଯେ ମୁଖ୍ୟମନ୍ତ୍ରୀଙ୍କ ଲୋକପ୍ରିୟତା ହ୍ରାସ ପାଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସମସ୍ତ ୧୪୭ ବିଧାନସଭା ଆସନରେ ଲଢ଼ିବେ ବୋଲି ପାଣ୍ଡିଆନ ଏକ ସଭାରେ କହିଛନ୍ତି। ରାଜ୍ୟରେ ଆଉ ବିଧାୟକ, ମନ୍ତ୍ରୀଙ୍କ ଆବଶ୍ୟକତା ନାହିଁ। ଯଦି ନବୀନ ପଟ୍ଟନାୟକ ସବୁ ଜାଗାରେ ଲଢ଼ିବେ, ତା'ହେଲେ ସାଂସଦ ଓ ବିଧାୟକ କାହିଁକି ପ୍ରାର୍ଥୀପତ୍ର ଦାଖଲ କରିବେ ବୋଲି ଭାଜପା ନେତା ଦେବାଶିଷ ନାୟକ କହିଛନ୍ତି।

# ଧନ୍ୟବାଦ ନାଁରେ ଟିକେଟ ଲବି

ଭୁବନେଶ୍ୱର,୧୦।୪(ଅନିଲ ଦାସ)

ଭୁବନେଶ୍ୱର ସଂସଦୀୟ କ୍ଷେତ୍ର ଅନ୍ତର୍ଗତ ଦୁଇ ପ୍ରମୁଖ ବିଧାନସଭା ଆସନ ବେଗୁନିଆ ଓ ଖୋର୍ଦ୍ଧାରେ କେବେ ୩ ପ୍ରମୁଖ ଦଳ ବିଜେଡି, ଭାଜପା ଓ କଂଗ୍ରେସ ପ୍ରାର୍ଥୀ ଘୋଷଣା କରିବେ, ତାହାକୁ ନେଇ ଉଭୟ ନେତା ଓ କର୍ମୀ ଦ୍ୱନ୍ଦ୍ୱରେ ପଡ଼ିଛନ୍ତି। ଏପରି ସ୍ଥଳେ ବିଭିନ୍ନ ନିର୍ବାଚନମଣ୍ଡଳୀରୁ ବିଧାୟକ ଓ ଆଶାୟୀ ନିଜର ଶକ୍ତି ପ୍ରଦର୍ଶନ କରିବା ନାଁରେ ନବୀନ ନିବାସକୁ ଦଳବଳ ଧରି ଆସୁଛନ୍ତି। ନିଜ ନିର୍ବାଚନମଣ୍ଡଳୀର ବିକାଶ ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଦେବା ଆଳରେ ଟିକେଟ ଲବି ପାଇଁ ହାଉଯାଉ ହେଉଥିବା ଦେଖିବାକୁ ମିଳୁଛି।

ବିଶେଷକରି ବେଗୁନିଆ-ବୋଲଗଡ଼ ବିଧାନସଭା ଆସନ ପାଇଁ ବିଜେଡିରେ କେତେକ ଆଶାୟୀ ମୁଣ୍ଡ ଟେକିଛନ୍ତି। ବର୍ତ୍ତମାନର ବିଧାୟକ ରାଜେନ୍ଦ୍ର ସାହୁଙ୍କୁ ଦଳ ବଦଳାଇବ ନା ପୁଣିଥରେ ଟିକେଟ ଦେବ, ତାହା ସ୍ପଷ୍ଟ ହୋଇନାହିଁ। ଏପରି ସ୍ଥଳେ ରାଜେନ୍ଦ୍ର ସାହୁ ଓ ଅନ୍ୟତମ ଟିକେଟ ଦାବିଦାର ପ୍ରଦୀପ ସାହୁ ବୁଧବାର ନବୀନ ନିବାସ ଆସିଥିଲେ। ନବୀନଙ୍କ ସହ କ'ଣ ଆଲୋଚନା ହେଲା ଓ କାହାକୁ ଟିକେଟ ପ୍ରତିଶ୍ରୁତି ଦିଆଗଲା, ଗଣମାଧ୍ୟମ ଆଗରେ କେହି ମୁହଁ ଖୋଲି ନ ଥିଲେ। ତେବେ ରାଜେନ୍ଦ୍ର ସାହୁ କହିଥିଲେ, ନିର୍ବାଚନମଣ୍ଡଳୀରେ ବହୁ କାମ ହୋଇଥିବାରୁ ମୁଖ୍ୟମନ୍ତ୍ରୀ ଏବଂ ୫-ଟି ଅଧ୍ୟକ୍ଷଙ୍କୁ ଧନ୍ୟବାଦ ଦେବାକୁ ଆସିଥିଲେ। ଗତ ଥର ସେ ଖୋର୍ଦ୍ଧାରୁ ଲଢ଼ିବାକୁ ଚାହୁଁଥିଲେ। ତାଙ୍କୁ ବେଗୁନିଆରୁ ଲଢ଼ିବାକୁ କୁହାଗଲା। ମୁଖ୍ୟମନ୍ତ୍ରୀଙ୍କ ନିଷ୍ପତ୍ତି ତାଙ୍କ ପାଇଁ ବେଦରଗାର ବୋଲି ସେ କହିଛନ୍ତି। ଅନ୍ୟପକ୍ଷରେ ପ୍ରଦୀପ ସାହୁ କହିଛନ୍ତି, ଆଶାୟୀ କଥା ଏଠି ପଡିନାହିଁ। ମୁଖ୍ୟମନ୍ତ୍ରୀ ତାଙ୍କ ନିର୍ବାଚନମଣ୍ଡଳୀର ବିକାଶ ଲାଗି କରିଥିବା କାର୍ଯ୍ୟ ସକାଶେ ସେ ତାଙ୍କୁ ଧନ୍ୟବାଦ ଦେବାକୁ ଆସିଥିଲେ। ଟିକେଟ ନେଇ କିଛି ଆଲୋଚନା ହୋଇନାହିଁ। ମୁଖ୍ୟମନ୍ତ୍ରୀ ଯାହା ନିଷ୍ପତ୍ତି ନେବେ ତାହା ସମସ୍ତେ ମାନିନେବେ ବୋଲି ପ୍ରଦୀପ କହିଥିଲେ।

ଅନ୍ୟପକ୍ଷରେ ଜଟଣୀ ବିଜେଡି ପ୍ରାର୍ଥୀ ବିଭୂତି ଭୂଷଣ ବଳବନ୍ତରାୟଙ୍କ ବିରୋଧରେ ମଧ୍ୟ ପ୍ରତିବାଦର ସ୍ୱର ଉଠିଛି। ତାଙ୍କ ପ୍ରାର୍ଥୀତ୍ୱକୁ ବଦଳାଇବାକୁ ଗୋଟିଏ ଗୋଷ୍ଠୀ ଶଙ୍ଖ ଭବନଠାରେ ଆସି ପ୍ରତିବାଦ କରିଥିବା ଦେଖାଯାଇଛି।

## କୋଟିଆରୁ ଲୋକଙ୍କୁ ନେଇ ଆନ୍ଧ୍ରରେ ନିର୍ବାଚନୀ ସଭା

ପଟ୍ଟାଙ୍ଗି,୧୦।୪(ଶରତ ଧଳ)



ଓଡ଼ିଶାର କୋଟିଆ ଲୋକଙ୍କୁ ନେଇ ଆନ୍ଧ୍ର ତା'ର ସାଲୁର ବ୍ଲକର ତୋନାମ୍ ଗ୍ରାମ ନିକଟସ୍ଥ ମାଡିପିଲି ପଞ୍ଚାୟତର ଗାଙ୍ଗାନା ଦୋରାୱଲସା ଗ୍ରାମରେ କରିଥିବା ସଭା।

ଓଡ଼ିଶାର ସୀମାନ୍ତବର୍ତ୍ତୀ ଅଞ୍ଚଳର ଭୋଟ କିପରି ନିଜ ରାଜ୍ୟ ସପକ୍ଷରେ ରହିବ ସେନେଇ ଆନ୍ଧ୍ର ପ୍ରତ୍ୟେକ ଦିନ ଓଡ଼ିଶାର କୋରାପୁଟ ଜିଲା ପଟ୍ଟାଙ୍ଗି ବ୍ଲକର କୋଟିଆ ଉପରେ ନଜର ରଖିଛି। କୋଟିଆ ପଞ୍ଚାୟତର ବିଭିନ୍ନ ଗ୍ରାମରୁ ଭୋଟରଙ୍କୁ ନିଜ ଅଞ୍ଚଳକୁ ନେଇ ନିର୍ବାଚନୀ ସଭା କରି ଆନ୍ଧ୍ର ପ୍ରଭାବିତ କରୁଥିବା ବୁଧବାର ଦେଖିବାକୁ ମିଳିଛି। ସାଲୁର ବ୍ଲକର ତୋନାମ୍ ଗ୍ରାମ ନିକଟସ୍ଥ ମାଡିପିଲି ପଞ୍ଚାୟତର ଗାଙ୍ଗାନା ଦୋରାୱଲସା ଗ୍ରାମରେ ଆନ୍ଧ୍ର ଏପରି କାର୍ଯ୍ୟକ୍ରମ କରିଛି।

ଗାଙ୍ଗାନା ଦୋରାୱଲସା ଗ୍ରାମରେ ଆନ୍ଧ୍ରର ଶାସକ ଦଳ ୱାଇଏସ୍ଆର୍‌ସିପିର ସାଲୁର ନିର୍ବାଚନମଣ୍ଡଳୀ ବିଧାୟକ ପ୍ରାର୍ଥୀ ପିଡିକା ରାଜନା ଦୋରାଙ୍କ ଅଧ୍ୟକ୍ଷତାରେ ସଭା ହୋଇଥିଲା। ଏଥିରେ ଯୋଗଦେବାକୁ କୋଟିଆ ପଞ୍ଚାୟତର ଉପରସେମ୍ଭି, ଧୂଳିପଦର, ନେରେଡିବାଲସା, ତାଡିବାଲସା ଆଦି ଗ୍ରାମର ଲୋକମାନଙ୍କୁ ଗାଡ଼ିରେ ବୋହି ନେଇ ଉକ୍ତ ସଭାସ୍ଥଳରେ ପହଞ୍ଚାଯାଇଥିଲା। ନିଜ ଅଞ୍ଚଳର ଏବଂ ସୀମାନ୍ତ ଗ୍ରାମବାସୀଙ୍କୁ ବିଧାନସଭା ଏବଂ ଲୋକ ସଭା ନିର୍ବାଚନରେ ଭୋଟ ଦେଇ ୱାଇଏସ୍ଆର୍‌ସିପି ପ୍ରାର୍ଥୀଙ୍କୁ ଜିତାଇବାକୁ ଉକ୍ତ ସଭାରେ ଆହ୍ୱାନ ଦିଆଯାଇଥିଲା। ବର୍ତ୍ତମାନର ଶାସକ ଦଳ ନିଜ ରାଜ୍ୟ ଏବଂ ସୀମାନ୍ତ ଅଞ୍ଚଳ ପାଇଁ ଯେତିକି ଉନ୍ନୟନମୂଳକ କାର୍ଯ୍ୟ କରିଛି କୌଣସି ସରକାର କରି ନ ଥିବ ବୋଲି ପ୍ରକାଶକରି ଦୋରା ସେମାନଙ୍କୁ ପ୍ରଲୋଭିତ କରିଥିଲେ। ସଭାରେ ଉପସ୍ଥିତ ଓଡ଼ିଶାର ସୀମାନ୍ତ ଗ୍ରାମବାସୀ ଗୀତ ପ୍ରସ୍ତୁତ କରି ନିଜେ ଗୀତ ଗାଇ ସଚେତନ କରିଥିଲେ। ଉକ୍ତ ଗୀତରେ ପିଡିକା ରାଜନା ଦୋରା ସବୁବେଳେ ସୀମାନ୍ତବାସୀ ଓ ଆନ୍ଧ୍ର ରାଜ୍ୟର ସର୍ବାଙ୍ଗୀନ ଉନ୍ନତି କ୍ଷେତ୍ରରେ ଚେଷ୍ଟିତ ବୋଲି ଉଲ୍ଲେଖ ଥିଲା। ସଭାକୁ ଯାଇଥିବା ଉପରୋକ୍ତ ଗ୍ରାମବାସୀଙ୍କୁ ଦୋରା ବ୍ୟକ୍ତିଗତ ଭାବେ ସାକ୍ଷାତ କରି ବିଗତ ଦିନରେ ଆନ୍ଧ୍ରରେ ହୋଇଥିବା ଉନ୍ନୟନମୂଳକ କାର୍ଯ୍ୟ ସମ୍ପର୍କରେ ପଚାରି ବୁଝିବା ସହ ଭୋଟଦାନ ସମ୍ପର୍କରେ ଆଲୋଚନା କରିଥିଲେ। ମତେ ପୁଣିଥରେ ନିର୍ବାଚିତ କରନ୍ତୁ ବୋଲି ନିବେଦନ କରିଥିଲେ।

ସୂଚନାଯୋଗ୍ୟ, ଓଡ଼ିଶାରେ ୪ଟି ପର୍ଯ୍ୟାୟରେ ନିର୍ବାଚନ ହେବାକୁ ଥିବା ବେଳେ ପ୍ରଥମ ପର୍ଯ୍ୟାୟରେ ନିର୍ବାଚନ ଓଡ଼ିଶା ଓ ଆନ୍ଧ୍ରରେ ଗୋଟିଏ ଦିନରେ ମତଦାନ ନେଇ ସ୍ଥିର ହୋଇଛି। ଏହି ସମୟରେ କିପରି କୋଟିଆ ପଞ୍ଚାୟତର ସୀମାନ୍ତବର୍ତ୍ତୀ ୨୧ ଗ୍ରାମର ଲୋକଙ୍କ ଭୋଟ ନିଜ ରାଜ୍ୟ ସପକ୍ଷରେ ଆସିବ ସେନେଇ ଆନ୍ଧ୍ର ଯୋଜନା କରି ଏହାଦ୍ୱାରା ଉଚ୍ଚ ନ୍ୟାୟାଳୟରେ କୋଟିଆ ପଞ୍ଚାୟତ ନିଜ ଅଧୀନରେ ରହିଥିବା ଦର୍ଶାଇ ଅକ୍ତିଆର କରିବାକୁ ଏକ ବ୍ଲୁ ପ୍ରିଣ୍ଟ୍ କରିଥିବା ଜଣାପଡ଼ିଛି। ଅନ୍ୟପକ୍ଷରେ ଉକ୍ତ ପଞ୍ଚାୟତର ଭୋଟର ଯେପରି ନିର୍ବାଚନ ସମୟରେ ଦିଗହରା ନ ହୁଅନ୍ତି ସେନେଇ ଓଡ଼ିଶାର ପ୍ରଶାସନିକ ଅଧିକାରୀ କଡ଼ା ନଜର ରଖି ପ୍ରସ୍ତୁତି ଜାରି ରଖିଥିବା ଜଣାପଡ଼ିଛି।

## ମାଓବାଦୀ ମୁକାବିଲା ନେଇ ସ୍ୱତନ୍ତ୍ର ରଣନୀତି

ଭୁବନେଶ୍ୱର,୧୦।୪ (ସତ୍ୟଜିତ୍ ରାଉତ)

**୬ ରାଜ୍ୟ ପୋଲିସ ସହ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ସଚିବଙ୍କ ବୈଠକ**

ଆଗାମୀ ସାଧାରଣ ନିର୍ବାଚନକୁ ସୁଚାରୁରୂପେ ପରିଚାଳନା କରିବାକୁ ରାଜ୍ୟ ପୋଲିସ ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରାଯାଉଛି। ମାଓବାଦୀ ପ୍ରବଣ ଜିଲାଗୁଡ଼ିକୁ ପୋଲିସ ପକ୍ଷରୁ ଅଧିକ ଗୁରୁତ୍ୱ ଦିଆଯାଉଛି। ତେବେ ଓଡ଼ିଶା ସମେତ ମହାରାଷ୍ଟ୍ର, ତେଲଙ୍ଗାନା, ଆନ୍ଧ୍ରପ୍ରଦେଶ, ଛତିଶଗଡ଼, ବିହାରରେ ମଧ୍ୟ ମାଓ ସମସ୍ୟା ରହିଛି। ନିର୍ବାଚନକୁ ଆଖି ଆଗରେ ରଖି ଏହି ୬ ରାଜ୍ୟ ପୋଲିସ ସହ ସ୍ୱରାଷ୍ଟ୍ର ସଚିବ ଅଜୟ ଭାଲ୍ଲା ଭିଡିଓ କନ୍‌ଫରେନ୍ସରେ ଗୁରୁବାର ବୈଠକ କରିଛନ୍ତି। ଭୁବନେଶ୍ୱରସ୍ଥିତ କ୍ୟାମ୍ପ୍ ଅଫିସରେ ଓଡ଼ିଶା ପୋଲିସର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ରହି ଏହି ବୈଠକରେ ଆଲୋଚନା କରିଥିଲେ। ପୋଲିସ ଡିଜି ଅରୁଣ କୁମାର ଷଡ଼ଙ୍ଗୀଙ୍କ ସମେତ ଗୋଇନ୍ଦା ନିର୍ଦ୍ଦେଶକ ସୌମେନ୍ଦ୍ର ପ୍ରିୟଦର୍ଶୀ, ଏଡିଜି (ଅପରେଶନ) ଦେବଦତ୍ତ ସିଂ, ଏଡିଜି (ଆଇନଶୃଙ୍ଖଳା) ସଞ୍ଜୟ କୁମାରଙ୍କ ସହ ବରିଷ୍ଠ ଅଧିକାରୀମାନେ ବୈଠକରେ ଉପସ୍ଥିତ ଥିଲେ। ନିର୍ବାଚନ ବେଳେ ମାଓବାଦୀମାନେ ସମସ୍ୟା ସୃଷ୍ଟି କରିବା ଆଶଙ୍କା ଥିବାରୁ ଏହାର କିପରି ମୁକାବିଲା କରାଯିବ ସେନେଇ ଏହି ବୈଠକରେ ୬ ରାଜ୍ୟ ପୋଲିସ ସ୍ୱତନ୍ତ୍ର ରଣନୀତି ନେଇ ଯୋଜନା କରିଛନ୍ତି। ସୂଚନାଯୋଗ୍ୟ, ଓଡ଼ିଶା ପୋଲିସ ପଡ଼ୋଶୀ ରାଜ୍ୟ ପୋଲିସ ସହ ସମନ୍ୱୟ ରକ୍ଷାକରି ନିର୍ବାଚନ ରଣନୀତି ପ୍ରସ୍ତୁତ କରୁଛି। ଗତ ୪ ତାରିଖରେ କ୍ୟାମ୍ପ ଅଫିସରେ ଆନ୍ଧ୍ରପ୍ରଦେଶ ଏବଂ ଓଡ଼ିଶା ପୋଲିସ ମଧ୍ୟରେ ବୈଠକ ହୋଇଥିଲା।

## ବିଜେଡିରେ ଦଶପଲ୍ଲା ପୌରାଧ୍ୟକ୍ଷା



ଭୁବନେଶ୍ୱର,୧୦।୪(ଅନିଲ ଦାସ)

**ଭାଜପା ନେତା ପ୍ରଭାସ ପାଣିଗ୍ରାହୀ, ପିସିସି ସମ୍ପାଦକ ପ୍ରଫୁଲ୍ଲ ସୁନ୍ୟାନି ମଧ୍ୟ ସାମିଲ ହେଲେ**

ଦଶପଲ୍ଲା ପୌରପାଳିକାର ଅଧ୍ୟକ୍ଷା ପୁନମ ପ୍ରିୟଦର୍ଶୀନୀ ବୁଧବାର ଶଙ୍ଖଭବନ ଠାରେ ନୟାଗଡ ବିଧାୟକ ଅରୁଣ ସାହୁ, ଦଶପଲା ବିଧାୟକ ରମେଶ ଚନ୍ଦ୍ର ବେହେରା ଓ ରାଜ୍ୟସଭା ଏମପି ଡକ୍ଟର ସସ୍ମିତ ପାତ୍ରଙ୍କ ଉପସ୍ଥିତିରେ ବିଜେଡିରେ ଯୋଗ ଦେଇଛନ୍ତି। ୨୦୨୨ ପୌର ନିର୍ବାଚନରେ ସ୍ୱାଧୀନ ପ୍ରାର୍ଥୀ ଭାବେ ନିର୍ବାଚିତ ହୋଇଥିବା ପୁନମ ପ୍ରିୟଦର୍ଶୀନୀ କହିଛନ୍ତି ଯେ, ସେ ବିଜେଡିକୁ କେବେ ବିରୋଧ କରି ନାହାନ୍ତି। ନବୀନ ପଟ୍ଟନାୟକ ଓ ବିଜୁ ବାବୁଙ୍କୁ ଆଦର୍ଶ ଭାବି ନିର୍ବାଚନ ଲଢ଼ିଛି। ନବୀନ ବାବୁଙ୍କୁ ଷଷ୍ଠ ଥର ମୁଖ୍ୟମନ୍ତ୍ରୀ କରିବାକୁ ପ୍ରୟାସ କରିବି।

ସେହିପରି ବଲାଙ୍ଗୀର ଜିଲା ପୂର୍ବତନ ଭାଜପା ସଭାପତି ପ୍ରଭାସ ପାଣିଗ୍ରାହୀ ମଧ୍ୟ ବୁଧବାର ଶଙ୍ଖ ଭବନରେ ବିଜେଡିରେ ଯୋଗ ଦେଇଛନ୍ତି। ତାଙ୍କୁ ବଲାଙ୍ଗୀର ବିଧାନସଭା ଆସନର ବିଜେଡି ବିଧାୟକ ପ୍ରାର୍ଥୀ କଳିକେଶ ସିଂଦେଓ, ରାଜ୍ୟ ସଭା ସଦସ୍ୟ ସସ୍ମିତ ପାତ୍ର ସ୍ୱାଗତ କରିଛନ୍ତି। ପାଣିଗ୍ରାହୀଙ୍କ ସହିତ ଅନ୍ୟ ୨ ବରିଷ୍ଠ ନେତା ସ୍ୱରମ୍ୟ ବବି ମିଶ୍ର ଏବଂ ବିନୋଦ ବିହାରୀ ନାଗ ମଧ୍ୟ ବିଜେଡିରେ ଯୋଗ ଦେଇଛନ୍ତି। ସେହିପରି ସୁନ୍ଦରଗଡ଼ ଜିଲା ଅନ୍ତର୍ଗତ ରଘୁନାଥପାଲି ନିର୍ବାଚନମଣ୍ଡଳୀର ପିସିସି ସମ୍ପାଦକ ତଥା ୨୦୦୯ ନିର୍ବାଚନରେ ରଘୁନାଥପାଲିର କଂଗ୍ରେସ ବିଧାୟକ ପ୍ରାର୍ଥୀ ପ୍ରଫୁଲ୍ଲ ସୁନ୍ୟାନି ବୁଧବାର ଶଙ୍ଖଭବନଠାରେ ରାଜ୍ୟ ସଭା ସଦସ୍ୟ ସସ୍ମିତ ପାତ୍ର, ସୁନ୍ଦରଗଡ଼ ଜିଲା ବିଜେଡି ପର୍ଯ୍ୟବେକ୍ଷକ ପ୍ରୀତିରଞ୍ଜନ ଘଡ଼ାଇ, ରଘୁନାଥପାଲି ବିଧାୟକ ସୁବ୍ରତ ତରାଇ, ସୁନ୍ଦରଗଡ଼ର ପୂର୍ବତନ ବିଧାୟକ ଯୋଗେଶ ସିଂ ପ୍ରମୁଖଙ୍କ ଉପସ୍ଥିତିରେ ବିଜେଡିରେ ଯୋଗ ଦେଇଛନ୍ତି।

## ଭାଜପାରେ ପୀତବାସ, ସୀତାରାମ



ଭୁବନେଶ୍ୱର, ୧୦।୪(ସୁନିତ୍ ମିଶ୍ର)

ରାଜ୍ୟ କଂଗ୍ରେସ ମୁଖପାତ୍ର ତଥା ରାଜ୍ୟ ବାର୍ କାଉନସିଲ ସଦସ୍ୟ ପୀତବାସ ପଣ୍ଡା ନିଜ ସମର୍ଥକଙ୍କ ସହ ବୁଧବାର ଭାଜପାରେ ଯୋଗଦେଇଛନ୍ତି। ପଣ୍ଡାଙ୍କ ସମେତ ଗଞ୍ଜାମ ବାର୍ ଆସୋସିଏସନ ସମ୍ପାଦକ ବିରଞ୍ଚି ମହାପାତ୍ର, ବ୍ରହ୍ମପୁରର ପୂର୍ବତନ କର୍ପୋରେଟର ବୀରେନ ପଟ୍ଟନାୟକ, ଗଞ୍ଜାମ ବାର୍ ଆସୋସିଏସନର ଓକିଲ ସନ୍ତୋଷ ପାତ୍ର ଏବଂ ସଞ୍ଜୟ ମିଶ୍ର ଭାଜପାରେ ସାମିଲ ହୋଇଛନ୍ତି। ସେହିପରି କବିସୂର୍ଯ୍ୟନଗରର ପୂର୍ବତନ ବିଧାୟକ ପ୍ରାର୍ଥୀ ସୀତାରାମ ପାଣିଗ୍ରାହୀ ନିଜର ଶତାଧିକ ସମର୍ଥକଙ୍କ ସହ ଭାଜପାରେ ଯୋଗଦେଇଛନ୍ତି। ପାଣିଗ୍ରାହୀଙ୍କ ସହ ପୂର୍ବତନ ଚେୟାରମ୍ୟାନ ପୀତାମ୍ବର ସେଠୀ, ପୂର୍ବତନ ଉପାଧ୍ୟକ୍ଷ ପୁଷ୍ପାଞ୍ଜଳି ସେଠୀ, ବିଜେଡି ନେତା ବିନାୟକ ଗୌଡ଼, ଶଙ୍କର ଗୌଡ଼, ହରପ୍ରସାଦ ପଲେଇ ଭାଜପାରେ ସାମିଲ ହୋଇଛନ୍ତି। ଏଥିସହ ଆସିକା ସଂସଦୀୟ କ୍ଷେତ୍ର ଅନ୍ତର୍ଗତ ଖଲିକୋଟ ବ୍ଲକ୍ ଉପାଧ୍ୟକ୍ଷ କାଳୁରାମ ମହାରଣା, ପୂର୍ବତନ ଅଧ୍ୟକ୍ଷ ଡି. ରାଧାଶ୍ୟାମ ଦୋରା, ବିନୟ ଖଟୁଆ, ପ୍ରଦୀପ ନାୟକ ପ୍ରମୁଖ ଭାଜପାରେ ମିଶିଛନ୍ତି। ରାଜ୍ୟ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ମିଶ୍ରଣ ପର୍ବରେ ରାଜ୍ୟ ସଭାପତି ମନମୋହନ ସାମଲ, ରାଜ୍ୟ ନିର୍ବାଚନ ପ୍ରଭାରୀ ବିଜୟପାଲ ସିଂ ତୋମାର, ପୂର୍ବତନ ରାଜ୍ୟ ସଭାପତି ସମୀର ମହାନ୍ତି ପ୍ରମୁଖ ନୂତନ ସଦସ୍ୟଙ୍କୁ ସ୍ୱାଗତ ଜଣାଇଛନ୍ତି। ମନମୋହନ କହିଛନ୍ତି, ଓଡ଼ିଶାରେ ବିରାଟ ରାଜନୈତିକ ପରିବର୍ତ୍ତନ ଆସିବ। ମୋଦି ଗ୍ୟାରେଣ୍ଟିଯୁକ୍ତ ଭାଜପାକୁ ଶାସନ କ୍ଷମତା ପ୍ରଦାନ କରିବାକୁ ରାଜ୍ୟବାସୀ ନିଷ୍ପତ୍ତି ନେଇଥିବା ସେ କହିଛନ୍ତି।

# ମାତୃତ୍ୱ କେତେ ନିରାପଦ

**ଆଜି ନିରାପଦ ମାତୃତ୍ୱ ଦିବସ**



ମାତୃତ୍ୱ ପ୍ରଭୁଙ୍କର ଶ୍ରେଷ୍ଠତମ ଓ ସୁନ୍ଦରତମ ସୃଷ୍ଟି। ତ୍ୟାଗ ଓ ତିତିକ୍ଷାର ମନ୍ତ୍ରରେ ନାରୀଟିଏ ଅଭିମନ୍ତ୍ରିତା ହୋଇ ମାତୃତ୍ୱର ସୋପାନ ଆରୋହଣ କରିଥାଏ। ତେବେ ମାତୃତ୍ୱର ଏହି ପଥ ସବୁବେଳେ ନିରାପଦ ନୁହେଁ। ଏହା କେତେବେଳେ ସମତଳ ତ' କେତେବେଳେ ବିପଦସଙ୍କୁଳ। ଟିକିଏ ଅସାବଧାନ ହେଲେ ଗର୍ଭଜନିତ ଓ ପ୍ରସବଜନିତ ଜଟିଳତା ଦେଖାଦେଇଥାଏ ଏବଂ ମା' ସହ ଶିଶୁର ଜୀବନ ବିପଦାପନ୍ନ ହୋଇଥାଏ। ଏକବିଂଶ ଶତାବ୍ଦୀରେ ମା' ଓ ଶିଶୁ ସ୍ୱାସ୍ଥ୍ୟ କଥା ବିଚାରକୁ ନେଲେ ଆମେ ଜାଣିପାରିବା ଯେ, ପ୍ରତ୍ୟେକ ଦିନର ପ୍ରତ୍ୟେକ ମୁହୂର୍ତ୍ତରେ ପୃଥିବୀର କୌଣସି ନା କୌଣସି ସ୍ଥାନରେ ନିଶ୍ଚିତ ଭାବରେ ଗୋଟିଏ ମହିଳା ଗର୍ଭଜନିତ ତଥା ପ୍ରସବଜନିତ କାରଣରୁ ମୃତ୍ୟୁବରଣ କରିଥାଆନ୍ତି। ସେ କୈଶୋର ବା' ଆଦ୍ୟ ଯୌବନରେ ପାଦ ଦେଇଥିବା ବାଳିକା ବଧୂଟିଏ ହୋଇପାରେ, ଯିଏ କି ମାନସିକ ବା ଶାରୀରିକ ସ୍ତରରେ ଶିଶୁଟିକୁ ଜନ୍ମ ଦେବାପାଇଁ ଆପ୍ରାଣ ଉଦ୍ୟମ କରିଥାଏ କିମ୍ବା ସେ ଗୋଟିଏ ବୟସ୍କା ମହିଳା ହୋଇଥାଇପାରେ; ଯିଏକି ଅନେକ ସନ୍ତାନଥିବା ଏକ ବଡ଼ ପରିବାରକୁ ଚଳାଇବାକୁ ଅକ୍ଳାନ୍ତ ପରିଶ୍ରମ କରିଥାଏ। ତେଣୁ ଗୋପନୀୟ ଭାବରେ ନିଜର ଅବାଞ୍ଛିତ ଗର୍ଭନଷ୍ଟ କରିଥାଏ। ଏହିଭଳି ମହିଳାମାନେ ଡାକ୍ତର ଓ ଚିକିତ୍ସା ତଥା ରକ୍ତ ଓ ଔଷଧ ଅଭାବରୁ ମୃତ୍ୟୁମୁଖରେ ପଡ଼ିଥା'ନ୍ତି। ମା'ର ମୃତ୍ୟୁ କେବଳ ଏକ ପରିବାରର କ୍ଷତି ନୁହେଁ, ଏହା ଏକ ସାମାଜିକ କ୍ଷତି, ଏହା ସାରା ଦେଶର କ୍ଷତି। ମା'ର ମୃତ୍ୟୁ ଯେପରି ସାରା ପରିବାରକୁ ବିପର୍ଯ୍ୟସ୍ତ କରିଦିଏ, ଠିକ୍ ସେହିପରି ଲକ୍ଷ ଲକ୍ଷ ମାତୃ ମୃତ୍ୟୁରେ ସାରା ବିଶ୍ୱର ମୂଳଦୁଆ ମଧ୍ୟ ଚହଲିଯାଏ।

ବିଶ୍ୱ ସ୍ୱାସ୍ଥ୍ୟ ସଂସ୍ଥା ରିପୋର୍ଟ ଅନୁଯାୟୀ, ପ୍ରତ୍ୟେକ ବର୍ଷ ଲକ୍ଷ ଲକ୍ଷ ମହିଳା ଗର୍ଭଜନିତ ତଥା ପ୍ରସବଜନିତ କାରଣରୁ ମୃତ୍ୟୁବରଣ କରୁଛନ୍ତି। ଏହି ମାତୃ ମୃତ୍ୟୁହାର କମାଇବା ପାଇଁ ପ୍ରତ୍ୟେକ ବର୍ଷ ଆନ୍ତର୍ଜାତିକ ନିରାପଦ ମାତୃତ୍ୱ ଦିବସ ପାଳନ କରାଯାଉଛି। ଗର୍ଭାବସ୍ଥା ପୂର୍ବରୁ, ଗର୍ଭାବସ୍ଥାରେ, ପ୍ରସବ ସମୟରେ ଏବଂ ପ୍ରସବ ପରେ ଡାକ୍ତର ତଥା ସ୍ୱାସ୍ଥ୍ୟ କର୍ମୀମାନଙ୍କର ଯତ୍ନ ଓ ଚିକିତ୍ସା ଦ୍ୱାରା ହିଁ ଏହି ମାତୃ ମୃତ୍ୟୁହାର କମାଯାଇ ପାରିବ।

ପ୍ରତ୍ୟେକ ବର୍ଷ ଏହାର ବିଷୟବସ୍ତୁ ଅଲଗା। ହ୍ୱାଇଟ୍ ରିବନ ଆଲାଏନ୍ସ ଦ୍ୱାରା ସ୍ଥିରୀକୃତ ହୋଇ କାର୍ଯ୍ୟକ୍ରମମାନ ହୋଇଥାଏ। ପ୍ରତ୍ୟେକ ମହିଳାଙ୍କର ଗର୍ଭଧାରଣ କରିବା ତଥା ବଞ୍ଚିବାର ଅଧିକାର ଅଛି। ଏହି ଦିବସ ଅବସରରେ ଚଳିତବର୍ଷର ବିଷୟ ବସ୍ତୁ ହେଉଛି- ''ଘରେ ରହି ମା' ଓ ଶିଶୁ ମାନଙ୍କୁ ରକ୍ଷା କରନ୍ତୁ''।

**ଭାରତରେ ମାତୃ ମୃତ୍ୟୁହାର :** ଏକ ରିପୋର୍ଟରୁ ଜଣାଯାଇଛି ଯେ, ଭାରତରେ ପୁରୁଷଙ୍କ ତୁଳନାରେ ମହିଳାଙ୍କ ସ୍ୱାସ୍ଥ୍ୟାବସ୍ଥା ଅଧିକ ଦୟନୀୟ ଓ ଶୋଚନୀୟ। ଭାରତର ଗ୍ରାମାଞ୍ଚଳରେ ଗର୍ଭବତୀଙ୍କ ମୃତ୍ୟୁହାର ସର୍ବାଧିକ। ମୋଟ ବିଶ୍ୱ ଲୋକସଂଖ୍ୟାର ୧୫% ଭାରତରେ ବସବାସ କରନ୍ତି। କିନ୍ତୁ ମହିଳାଙ୍କ ପ୍ରସୂତିକାଳୀନ ମୃତ୍ୟୁହାରର ୨୫% ଭାରତରେ ହିଁ ସଂଘଟିତ ହୋଇଥାଏ। ଅଳ୍ପ ବୟସରେ ମାତୃତ୍ୱ ଓ ପ୍ରତି ଶିଶୁ ମଧ୍ୟରେ କମ୍ ସମୟ ବ୍ୟବଧାନ ହିଁ ଏ ପ୍ରକାର ମୃତ୍ୟୁର ମୁଖ୍ୟ କାରଣ। ମାତୃ ମୃତ୍ୟୁର ପ୍ରଥମ ଓ ପ୍ରଧାନ କାରଣଗୁଡ଼ିକ ହେଉଛି- ପ୍ରସବ ପରବର୍ତ୍ତୀ ଅବସ୍ଥାରେ ରକ୍ତକ୍ଷରଣ, ମ୍ୟାଲେରିଆ, କାମଳ ରୋଗ, ରକ୍ତହୀନତା, ଗର୍ଭାବସ୍ଥାରେ ହୃଦ୍‌ରୋଗ, ବ୍ୟାହତ ପ୍ରସବ, ବିଷାକ୍ତ ଗର୍ଭପାତ, ଗର୍ଭପାତ, ପ୍ରସବ ପରବର୍ତ୍ତୀ ସୂତିକା ପ୍ରଦାହ, ଗର୍ଭାବସ୍ଥାରେ ଉଚ୍ଚ ରକ୍ତଚାପ। ତେଣୁ ଗର୍ଭ ଆରମ୍ଭରୁ ଉପଯୁକ୍ତ ଚିକିତ୍ସା, ଟିକାକରଣ, ତୁରନ୍ତ ଚିହ୍ନଟ ଓ ଚିକିତ୍ସା ଖୁବ୍ ଜରୁରୀ।

**ନିରାପଦ ମାତୃତ୍ୱର ଗୁରୁତ୍ୱ :** ଗର୍ଭାବସ୍ଥାର ପ୍ରଥମ ସୋପାନରୁ ମା'ର ଯତ୍ନ ନିଆଗଲେ ଗର୍ଭାବସ୍ଥା ଓ ପ୍ରସବ ନିରାପଦ ହେବ। ଏଥିପାଇଁ ପରିବାର ତଥା ଗାଁ ଗହଳିରେ ସଚେତନତା ସୃଷ୍ଟି ଜରୁରୀ। ତେଣୁ ପ୍ରାଥମିକ ସ୍ତରରୁ ରୋଗ ଓ ଜଟିଳତା ଚିହ୍ନଟ ତଥା ଗୁରୁତର ରୋଗୀଙ୍କୁ ରେଫରାଲ୍ ହସ୍ପିଟାଲ୍‌କୁ ସ୍ଥାନାନ୍ତର କରିବା ଅତି ଜରୁରୀ। ଗର୍ଭ ଓ ପ୍ରସବଜନିତ ଜଟିଳତା ଥରେ ଆରମ୍ଭ ହେଲେ ମା' ମୃତ୍ୟୁହାର ଅସମ୍ଭବ ଭାବରେ ବୃଦ୍ଧି ପାଇଥାଏ। ମା' ମୃତ୍ୟୁମୁଖରୁ ରକ୍ଷାପାଇଲେ ୫ ବର୍ଷରୁ ସାନ ଶିଶୁଙ୍କର ମୃତ୍ୟୁହାର ମଧ୍ୟ କମିଯାଏ। ତେଣୁ ମାତୃ ମୃତ୍ୟୁହାର କମାଇବାର ପ୍ରଥମ ପଦକ୍ଷେପ ହେଲା ସ୍ୱାସ୍ଥ୍ୟକର୍ମୀ, ସ୍ୱାସ୍ଥ୍ୟ ସହାୟିକା, ଧାତ୍ରୀ ଓ ସ୍ୱାସ୍ଥ୍ୟ ତତ୍ତ୍ୱାବଧାରିକାଙ୍କର ଉପଯୁକ୍ତ ତାଲିମ। ସେମାନେ ଗର୍ଭାବସ୍ଥା ତଥା ପରବର୍ତ୍ତୀ ଜଟିଳତାକୁ ସଙ୍ଗେ ସଙ୍ଗେ ଚିହ୍ନଟ କରି ରୋଗୀଙ୍କୁ ରେଫରାଲ୍ ହସ୍ପିଟାଲ୍‌କୁ ସ୍ଥାନାନ୍ତର କରିବେ। ତେଣୁ ସେମାନେ ମାତୃ ମୃତ୍ୟୁର କାରଣଗୁଡ଼ିକ ଯଥା ବିଷାକ୍ତ ଗର୍ଭପାତ, ଗର୍ଭାବସ୍ଥାରେ ରକ୍ତହୀନତା, ବ୍ୟାହତ ପ୍ରସବ, ପ୍ରସବ ପୂର୍ବରୁ ଓ ପରେ ଅତ୍ୟଧିକ ରକ୍ତକ୍ଷରଣ ଓ ସୂତିକାଜ୍ୱର ବିଷୟରେ ସମ୍ୟକ୍ ଜ୍ଞାନ ଆହରଣ କରିବା ଉଚିତ।

– ଡା. ସରୋଜିନୀ ଷଡ଼ଙ୍ଗୀ
ଲିଙ୍କ୍‌ରୋଡ୍, କଟକ-୧୨
ମୋ : ୯୪୩୭୦୫୫୦୦୭

**ଜାତୀୟ/ଅନ୍ତର୍ଜାତୀୟ**

## ଥରୁରଙ୍କୁ ମାନହାନି ନୋଟିସ ପଠାଇଲେ ରାଜୀବ

ଥିରୁଭାନନ୍ତପୁରମ୍,୧୦।୪



ରାଜୀବ ଚନ୍ଦ୍ରଶେଖର



ଶଶୀ ଥରୁର

କେରଳର ଥିରୁଭାନନ୍ତପୁରମ୍ ଲୋକ ସଭା ଆସନରୁ ଭାଜପା ଟିକେଟରେ ନିର୍ବାଚନ ଲଢୁଥିବା କେନ୍ଦ୍ରମନ୍ତ୍ରୀ ରାଜୀବ ଚନ୍ଦ୍ରଶେଖର ବୁଧବାର ତାଙ୍କ କଂଗ୍ରେସ ପ୍ରତିଦ୍ୱନ୍ଦ୍ୱୀ ତଥା ସ୍ଥାନୀୟ ଏମ୍‌ପି ଶଶୀ ଥରୁରଙ୍କୁ ଲିଗାଲ୍ ନୋଟିସ ପଠାଇଛନ୍ତି। ଗତ ୬ ତାରିଖରେ ଥରୁର ଏକ ଟିଭି ଚ୍ୟାନେଲକୁ ସାକ୍ଷାତ୍‌କାର ବେଳେ ଭାଜପା ନେତା ରାଜୀବ ମତଦାତା ଓ ପ୍ରଭାବଶାଳୀ ବ୍ୟକ୍ତିମାନଙ୍କୁ ଲାଞ୍ଚ ଦେଉଥିବା ଅଭିଯୋଗ ଆଣିଥିଲେ। ସେ ମିଥ୍ୟା ସୂଚନା ଦେଇଥିବା ଅଭିଯୋଗ ଆଣି ରାଜୀବ ତାଙ୍କ ବିରୋଧରେ ମାନହାନି ନୋଟିସ ପଠାଇଥିବା କୁହାଯାଉଛି। ନୋଟିସ ପାଇବାର ୨୪ ଘଣ୍ଟା ମଧ୍ୟରେ ନିଃସର୍ତ୍ତ କ୍ଷମା ନ ମାଗିଲେ ଥରୁରଙ୍କ ବିରୋଧରେ ଆଇନ ଅନୁସାରେ ଆପରାଧିକ ଓ ଦେୱାନି ମାମଲା ରୁଜୁ କରାଯିବ ବୋଲି ରାଜୀବ ଏଥିରେ ଚେତାବନୀ ଦେଇଛନ୍ତି।

## ଭାରତ ଆସୁଛନ୍ତି ଏଲନ୍ ମସ୍କ

ନୂଆଦିଲ୍ଲୀ, ୧୦।୪

ଟେସଲା ପ୍ରତିଷ୍ଠାତା ତଥା ସିଇଓ ଏଲନ୍ ମସ୍କ ଚଳିତ ମାସ ଶେଷ ଆଡ଼କୁ ଭାରତ ଗସ୍ତରେ ଆସିବେ। ଏନେଇ ପ୍ରକାଶ ପାଇଥିବା ବିଭିନ୍ନ ରିପୋର୍ଟକୁ ମସ୍କ ନିଜ ମାଇକ୍ରୋବ୍ଲଗିଂ ପ୍ଲାଟଫର୍ମ ଏକ୍ସ'ରେ ସୂଚନା ଦେଇଛନ୍ତି। ସେ ଖୁବଶୀଘ୍ର ଭାରତରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଭେଟିବା ପାଇଁ ଉତ୍ସାହିତ ଥିବା ପୋଷ୍ଟ କରିଛନ୍ତି। ଭାରତରେ ପୁଞ୍ଜିନିବେଶ କରିବା ସହ ଟେସଲା ପାଇଁ ନୂତନ କାରଖାନା ପ୍ରତିଷ୍ଠା ଦିଗରେ ଏହି ସାକ୍ଷାତ୍‌କାର ହେଉଥିବା କୁହାଯାଉଛି।

## ହମାସ ନେତା ଇସ୍‌ମାଇଲ ହାନିୟେଙ୍କ ୩ ପୁଅ ନିହତ

ଜେରୁଜେଲମ୍, ୧୦।୪



ନିକଟରେ ଗାଜା ଷ୍ଟ୍ରିପ୍‌ରେ ଇସ୍ରାଏଲ ପକ୍ଷରୁ ହୋଇଥିବା ଏୟାର ଷ୍ଟ୍ରାଇକରେ ହମାସ ନେତା ଇସ୍‌ମାଇଲ ହାନିୟେଙ୍କ ୩ ପୁଅ ନିହତ ହୋଇଛନ୍ତି। ଏନେଇ ଇସ୍ରାଏଲ ପ୍ରତିରକ୍ଷା ବାହିନୀ ପକ୍ଷରୁ ବୁଧବାର ସୂଚନା ଦିଆଯାଇଛି। ଇସ୍‌ମାଇଲଙ୍କ ୩ ପୁଅ ଅମିର, ହଜିମ ଓ ମହମ୍ମଦ କେନ୍ଦ୍ରୀୟ ଗାଜା ଅଞ୍ଚଳରେ ଆତଙ୍କବାଦୀ କାର୍ଯ୍ୟକଳାପ କରିବାକୁ ଯାଉଥିବା ସମୟରେ ଏୟାର ଷ୍ଟ୍ରାଇକରେ ସେମାନଙ୍କର ମୃତ୍ୟୁ ଘଟିଥିବା ଇସ୍ରାଏଲ ପକ୍ଷରୁ କୁହାଯାଇଛି। ଅନ୍ୟପକ୍ଷରେ ଖୋଦ୍ ଇସ୍‌ମାଇଲ ମଧ୍ୟ ଏକ ଗଣମାଧ୍ୟମକୁ ସାକ୍ଷାତ୍‌କାର ଦେଇ ତାଙ୍କ ୩ ପୁଅ ଓ ୨ ନାତି ଇସ୍ରାଏଲ ଆକ୍ରମଣରେ ପ୍ରାଣ ହରାଇଥିବା ସ୍ୱୀକାର କରିଛନ୍ତି। ପ୍ରତିଶୋଧ ପରାୟଣ ହୋଇ ହତ୍ୟା ଭାବନା ସହ ସେମାନଙ୍କୁ ହତ୍ୟା କରାଯାଇଥିବା ଇସ୍‌ମାଇଲ କହିଛନ୍ତି।

## ୨୬ରେ ଦିଲ୍ଲୀ ମେୟର ନିର୍ବାଚନ

ନୂଆଦିଲ୍ଲୀ,୧୦।୪

ଏପ୍ରିଲ ୨୬ରେ ଦିଲ୍ଲୀ ମହାନଗର ନିଗମ (ଏମ୍‌ସିଡି) ମେୟର ଓ ଡେପୁଟି ମେୟର ନିର୍ବାଚନ ଅନୁଷ୍ଠିତ ହେବ। ଏନେଇ ଏମ୍‌ସିଡି ସଚିବଙ୍କ ଅଫିସ ପକ୍ଷରୁ ସୂଚନା ଦିଆଯାଇଛି। ୨୬ ତାରଖ ଶୁକ୍ରବାର ପୂର୍ବାହ୍ଣ ୧୧ଟାରେ ଜବାହରଲାଲ ନେହେରୁ ମାର୍ଗସ୍ଥିତ ଶ୍ୟାମାପ୍ରସାଦ ମୁଖାର୍ଜୀ ସିଭିକ୍ ସେଣ୍ଟର ଚତୁର୍ଥ ମହଲାର ଏ-ବ୍ଲକ୍, ଅରୁଣା ଆସିଫ୍ ଅଲୀ ଅଡିଟୋରିୟମ୍‌ରେ ମତଦାନ କରାଯିବ। ୨୫୦ ସଦସ୍ୟ ବିଶିଷ୍ଟ ଏମ୍‌ସିଡି ଦିଲ୍ଲୀ ରାଜନୀତିରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଇ ଆସିଛି। ବର୍ତ୍ତମାନ ଗୃହରେ ଆମ୍ ଆଦ୍‌ମୀ ପାର୍ଟି (ଆପ୍)ର ସଂଖ୍ୟାଗରିଷ୍ଠ ୧୩୪ କାଉନ୍‌ସିଲର ଥିବାବେଳେ ଭାଜପାର ୧୦୪ ସଦସ୍ୟ ରହିଛନ୍ତି। ଜଣେ ସ୍ୱାଧୀନ ପ୍ରାର୍ଥୀ ମଧ୍ୟ ଭାଜପାକୁ ସମର୍ଥନ କରୁଛନ୍ତି। କଂଗ୍ରେସ ମାତ୍ର ୯ ଆସନରେ ରହିଥିବାବେଳେ ଅନ୍ୟ ୨ ଆସନ ସ୍ୱାଧୀନ କାଉନ୍‌ସିଲରଙ୍କ ଦଖଲରେ ରହିଛି। ବର୍ତ୍ତମାନ ଶେଲି ଓବେରୟ ମେୟର, ଆଲେୟ ଇକ୍‌ବାଲ ଡେପୁଟି ମେୟର ଏବଂ ମୁକେଶ ଗୋଏଲ ବିରୋଧୀ ଦଳ ନେତା ରହିଛନ୍ତି। ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲ ଜେଲ ଯିବା ପରେ ହେବାକୁ ଥିବା ଏହି ନିର୍ବାଚନରେ ଶେଲି ନିଜ ପଦ ବଜାୟ ରଖିପାରିବେ କି ନାହିଁ ତାକୁ ନେଇ ତର୍ଜମା ଆରମ୍ଭ ହୋଇଯାଇଛି।

